# ସରକାରୀ ଧାନ ବିହନ କିଣିବାକୁ ଚାଷୀ ଅମଙ୍ଗ

ନବରଙ୍ଗପୁର,୧୧।୬(ବି.ପ୍ର.)



ଏକ ଗୋଦାମରେ ଧାନ ବିହନ ବିକ୍ରି ନ ହୋଇ ପଡ଼ି ରହିଛି।

■ ସରକାର ଯୋଗାଇଥିବା ବିହନର ମାତ୍ର ୨୦ ପ୍ରତିଶତ ବିକ୍ରି ହୋଇଛି
■ ବଢ଼ୁଛି ହାଇବ୍ରିଡ୍ ଧାନ ବିହନ ଚାହିଦା

ରାଜ୍ୟ ସରକାର ସମସ୍ତ ଚାଷୀଙ୍କୁ ଉତ୍କୃଷ୍ଟମାନର ଧାନ ବିହନ ଯୋଗାଇବା ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ବିଭିନ୍ନ ଜିଲାର ବିହନ ନିଗମର ବିହନ ପ୍ରକ୍ରିୟାକରଣ କେନ୍ଦ୍ର ରହିଛି। ରାଜ୍ୟର ଅଧିକାଂଶ ଜିଲାରେ ସରକାରୀ ଧାନ ବିହନର ଚାହିଦା ଅଧିକା ଥିବାବେଳେ ନବରଙ୍ଗପୁର ଜିଲାରେ ସରକାରୀ ବିହନ ଗୋଦାମରେ ସେମିତି ପଡ଼ିରହୁଛି । ସରକାରୀ ସାର୍ଟିଫାଏଡ୍ ବିହନ ପରିବର୍ତ୍ତେ ହାଇବ୍ରିଡ ବିହନ ନେଉଛନ୍ତି ଚାଷୀ। ହାଇବ୍ରିଡ ବିହନର ମାନ ନେଇ କେହି ଉତ୍ତରଦାୟୀ ନ ଥିଲେ ବି ହାଇବ୍ରିଡ ବିହନ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି।

ନବରଙ୍ଗପୁର ଜିଲାରେ ପ୍ରାୟ ୧ ଲକ୍ଷ ୧ ହଜାର ହେକ୍ଟର ଜମିରେ ଧାନ ଚାଷ କରିବା ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। କୃଷି ବିଭାଗର ରିପୋର୍ଟ ଅନୁଯାୟୀ ସରକାରୀ ଧାନ ବିହନ ଥରେ ବ୍ୟବହାର କରିଲେ ଉକ୍ତ ବିହନରୁ ଉତ୍ପାଦିତ ଧାନକୁ ବିହନ ଆକାରରେ ୩ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରିହେବ। ଜିଲାକୁ ପ୍ରାୟ ୧୭ ହଜାର କୁଇଣ୍ଟାଲ ଧାନ ବିହନ ଆବଶ୍ୟକ ପଡିଥାଏ। ଚଳିତ ବର୍ଷ କୃଷି ବିଭାଗ ପ୍ରଥମ ପର୍ଯ୍ୟାୟରେ ୮ ହଜାର କୁଇଣ୍ଟାଲ ବିହନ ଯୋଗାଇବା ଲକ୍ଷ୍ୟ ରଖିଥିଲା। ଏଯାଏ ୧୫ ଶହ କୁଇଣ୍ଟାଲ ସରକାରୀ ଧାନ ବିହନ ଜିଲାକୁ ଯୋଗାଣ ହୋଇଛି। ଚନ୍ଦାହାଣ୍ଡି ବ୍ଲକର ୫ ଜଣ ଡିଲରଙ୍କୁ ୨୮୦, ଚନ୍ଦାହାଣ୍ଡି ଲ୍ୟାମ୍ପସକୁ ୧୦୦, ଡାବୁଗାଁ ବ୍ଲକର ୩ ଜଣ ଡିଲରଙ୍କୁ ୮୨, ଉମରକୋଟ ଆରସିଏମ୍ଏସ୍‌କୁ ୫୦, ପାପଡାହାଣ୍ଡି ଲ୍ୟାମ୍ପସକୁ ୩୪, କୋଡିଙ୍ଗା ଓ ଡାବୁଗାଁ ଲ୍ୟାମ୍ପକୁ ୩୦, ଉମରକୋଟ, ଝରିଗାଁ, ରାଇଘର, ଅଞ୍ଚଳଗୁମ୍ମା, ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ମଇଦଲପୁର ଓ କୋଷାଗୁମୁଡା ଲ୍ୟାମ୍ପସକୁ ୫୦ କୁଇଣ୍ଟାଲ ଲେଖାଏ ଏହିପରିଭାବେ ୧୩ ଲ୍ୟାମ୍ପ ଓ ୧୦ ଡିଲରଙ୍କୁ ୧୦୫୭ କୁଇଣ୍ଟାଲ ବିହନ ଯୋଗାଣ ହୋଇଥିଲା।

ସରକାରୀ ନିୟମାନୁଯାୟୀ ଏକରେ ଜମିକୁ ସରକାରୀ ବିହନ ୨୦ କେଜି ଆବଶ୍ୟକ ହେଉଥିବା ବେଳେ ଜିଲାକୁ ଯୋଗାଣ ହୋଇଥିବା ମୋଟ ବିହନ ପ୍ରାୟ ୨ ହଜାର ହେକ୍ଟର ଜମିରେ ହିଁ ବ୍ୟବାହାର ହୋଇପାରିବ। ତେବେ ଯେଉଁ ବିହନ ଯୋଗାଣ ହୋଇଛି ସେଥିମଧ୍ୟରୁ କେବଳ ଚନ୍ଦାହାଣ୍ଡି ଓ ଡାବୁଗାଁ ବ୍ଲକକୁ ଛାଡିଦେଲେ ଅନ୍ୟ ସ୍ଥାନରେ ସରକାରୀ ବିହନର ଆଦୌ ଚାହିଦା ନାହିଁ। ଫଳରେ ପ୍ରାୟ ୨୦ ପ୍ରତିଶତ ସରକାରୀ ବିହନ ହିଁ ବିକ୍ରି ହୋଇଥିବା ସୂଚନା ମିଳିଛି। ବିହନ ବିକ୍ରି ନ ହୋଇ ସରକାରୀ ଗୋଦାମରେ ଖତ ଖାଉଛି। ଜିଲାରେ ପ୍ରାୟ ୭୦ ପ୍ରତିଶତ ଜମିରେ ହାଇବ୍ରିଡ ଧାନ ବିହନ ବ୍ୟବହାର ହେଉଛି। ସରକାରୀ ବିହନ ଏକର ପିଛା ୨୦ କେଜି ଆବଶ୍ୟକ ହେଉଥିବାବେଳେ ହାଇବ୍ରିଡ ବିହନ ଏକର ପିଛା ୬ କେଜି ଆବଶ୍ୟକ ପଡୁଛି। ସରକାରୀ ବିହନ ପାଇଁ ସରକାର ପ୍ରତି ୨୦ କେଜିରେ ୪୩୦ ଟଙ୍କା ରିହାତି ଦେଉଛନ୍ତି। ହାଇବ୍ରିଡ ବିହନ ୩ କେଜି ପିଛା ୮ଶହରୁ ୧ ହଜାର ଟଙ୍କା ପଡୁଛି। ତଥାପି ଚାଷୀ ସରକାରୀ ବିହନ ପ୍ରତି ଅମଙ୍ଗ ହେଉଛନ୍ତି। ଆନ୍ଧ୍ର, ତେଲଙ୍ଗାନା ଓ ଛତିଶଗଡ଼ର ହାଇବ୍ରିଡ ବିହନ ସାରା ଜିଲାରେ ରାଜୁତି କରୁଛି। ଓଡ଼ିଶାର ୧୦୦୧ ଭଳି ବିହନ ଚାଷୀ ନ ନେଇ ଆନ୍ଧ୍ରରୁ ଉକ୍ତ ବିହନ ଆସିଲେ ତାହାକୁ କିଣୁଛନ୍ତି। ବିଭିନ୍ନ ରାଜ୍ୟର ଘରୋଇ ବିହନ କମ୍ପାନୀ ନବରଙ୍ଗପୁର ଜିଲାର ଗାଁର ନିଜର ବଜାର ଖୋଲି ଦେଇଛନ୍ତି। ଗାଁ ଗାଁ ଯାଇ ନିଜ ବିହନର ପ୍ରଚାର କରି ବିକ୍ରି କରାଯାଉଥିବାରୁ ଚାଷୀ ହାଇବ୍ରିଡ ବିହନ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଅନେକ ସମୟରେ ଚାଷୀ ହାଇବ୍ରିଡ ଧାନ ବିହନ ବ୍ୟବହାର କରି ଠକାମିର ଶିକାର ହୋଇଥିଲେ ମଧ୍ୟ ଚାଷୀ ହାଇବ୍ରିଡ ଧାନ ବ୍ୟବହାର କରୁଛି।

ସରକାର ସାର୍ଟିଫାଏଡ ଧାନ ବିହନ ଅମଳ କ୍ଷମତା ହାଇବ୍ରିଡ ଧାନ ବିହନ ଅପେକ୍ଷା ବହୁ ଗୁଣରେ କମ ରହୁଛି। ଧାନ ବିହନ ପ୍ରୋସେସିଂ କେନ୍ଦ୍ରଗୁଡିକରେ ଅଣଚାଷୀ ଓ ପଞ୍ଜୀକରଣ ନ ଥିବା ଚାଷୀଙ୍କ ଧାନ ବିହନ ପ୍ରବେଶ ବିହନ ମାନ ପ୍ରତି ପ୍ରଶ୍ନ ଉଠୁଛି । ନବରଙ୍ଗପୁର ଲ୍ୟାମ୍ପସକୁ ବର୍ତ୍ତମାନ ସୁଦ୍ଧା ୫୦ କୁଇଣ୍ଟାଲ ସରକାରୀ ଧାନ ବିହନ ଯୋଗାଣ ହୋଇଛି। ଏଯାଏ ମାତ୍ର ୧୫କୁଇଣ୍ଟାଲ ବିହନ ବିକ୍ରି ହୋଇପାରିଛି। ସରକାରୀ ଧାନ ବିହନ ଥରେ ଆଣିବା ପରେ ଫେରସ୍ତ ବ୍ୟବସ୍ଥା ନ ଥିବାରୁ ଲ୍ୟାମ୍ପସଗୁଡିକ କ୍ଷତି ସହୁଛନ୍ତି। ସରକାରୀ ଧାନ ବିହନ ଆଣିଥିଲି। ଅଧା ଧାନ ପୋଲା ବାହାରିଲା। ଯାହାବି ଧାନ ପଲା ପକାଇଲି ସେଥି ମଧ୍ୟରୁ ଅଧା ଗଜା ହେଲା ଆଉ ଅଧା ସ୍ଥାନରେ ଗଜା ହେଲା ନାହିଁ। ସରକାରୀ ଧାନ ବିହନରେ ଅମଳ କମ ରହୁଛି। ବିହନ ମଧ୍ୟ ଠିକ ରହୁନାହିଁ। ଏଥି ପାଇଁ ହାଇବ୍ରିଡ଼ ଧାନ ପ୍ରତି ଆଗ୍ରହ ରହିଛି ବୋଲି ନବରଙ୍ଗପୁର ବ୍ଲକ ବିକ୍ରମପୁରର ଚାଷୀ କାହ୍ନୁଚରଣ ଭୋଳ କହିଛନ୍ତି। ସରକାରୀ ଧାନ ବିହନ ଗଜା ଭଲ ହେଉନାହିଁ। ଅମଳ ମଧ୍ୟ କମ୍। ଏଥିପାଇଁ ହାଇବ୍ରିଡ଼ ଧାନ କରୁଛୁ। ହାଇବ୍ରିଡ଼ ଧାନରେ ଅମଳ ଅଧିକ ଆସୁଛି। ଚାଷୀ ନିଶ୍ଚିତଭାବେ ଅଧିକ ଅମଳ ଦିଗରେ ଦୃଷ୍ଟି ଦେବେ ବୋଲି ନବରଙ୍ଗପୁରର ଚାଷୀ ଆଦିତ୍ୟ ସାହୁ କହିଛନ୍ତି। ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଜିଲାକୁ ୧୧ ହଜାର ସରକାରୀ ଧାନ ବିହନ ଯୋଗାଇବା ଲକ୍ଷ୍ୟ ରହିଛି। ଏଯାଏ ୧୫ ଶହ କୁଇଣ୍ଟାଲ ବିହନ ଯୋଗାଣ ହୋଇପାରିଛି। ତେବେ ଚାଷୀ ହାଇବ୍ରିଡ ଧାନ ବିହନ ପାଇଁ ଆଗ୍ରହ ରଖୁଛନ୍ତି। ଏ କଥାକୁ ସ୍ୱୀକାର କରିଛନ୍ତି। ହାଇବ୍ରିଡ ଧାନ ବିହନ ସାର୍ଟିଫାଏଡ ନୁହେଁ, ସରକାରୀ ବିହନ ସାର୍ଟିଫାଏଡ଼ ହୋଇଥିଲେ ମଧ୍ୟ କଣ ପାଇଁ ଗ୍ରହଣ କରୁ ନାହାନ୍ତି ତାହା ଚନ୍ତାଜନକ ବୋଲି କହିଛନ୍ତି।

## ସଂକ୍ଷେପରେ

### ସନ୍ତରଣ ପ୍ରଶିକ୍ଷଣ ଏକାଡେମୀ ଉଦ୍‌ଘାଟିତ



ଉମରକୋଟ, ୧୧।୬(ସ୍ୱ.ପ୍ର.)- ଡିଫେନ୍ସ ଆଣ୍ଡ ଫିଜିକାଲ୍ ଏକାଡେମୀ ପକ୍ଷରୁ ରବିବାର ଏକ ନୂତନ ସନ୍ତରଣ ପ୍ରଶିକ୍ଷଣ ଏକାଡେମୀ ଉମରକୋଟର ଦାଡ଼ିଗୁଡାସ୍ଥିତ ଇନ୍ଦିରା କଲୋନୀରେ ଉଦ୍‌ଘାଟିତ ହୋଇଛି। ସାମରିକ ବାହିନୀ, ଅର୍ଦ୍ଧସାମରିକ ବାହିନୀ ଓ ପୋଲିସ ସେବାରେ ଯୋଗଦେବା ପାଇଁ ଇଚ୍ଛୁକ ଥିବା ଅଞ୍ଚଳର ଯୁବତୀଯୁବକଙ୍କୁ ସନ୍ତରଣ ଶିକ୍ଷା ଦେବା ଲକ୍ଷ୍ୟ ରହିଛି। ନବରଙ୍ଗପୁର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି।

ସାମରିକ, ଅର୍ଦ୍ଧ ସାମରିକ ବାହିନୀ ଓ ପୋଲିସ ବାହିନୀରେ ଯୋଗ ଦେବା ପାଇଁ ସନ୍ତରଣ ଜାଣିଥିବା ନିହାତି ଆବଶ୍ୟକ। ନବରଙ୍ଗପୁର ପରି ଏକ ଉପାନ୍ତ ଜିଲାର ସନ୍ତରଣ ପାଇଁ କୌଣସି ଭିତ୍ତିଭୂମି ନ ଥିବାରୁ ଯୁବତୀଯୁବକମାନେ ଅସଫଳ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ନୌସେନାରେ ୧୫ବର୍ଷ ଚାକିରି କରି ଅବସର ନେଇଥିବା ଅଫିସର ଜି. ଗୋଲ୍ଡ ସ୍ମିଥ ଏହି ସନ୍ତରଣ ଏକାଡେମୀ ଆରମ୍ଭ କରିଛନ୍ତି। ଗୋଲ୍ଡ ସ୍ମିଥ ନିଜ ଚାକିରି କାଳରେ ସନ୍ତରଣ ଉପରେ ହାସଲ କରିଥିବା ଅଭିଜ୍ଞତାକୁ ଏହି ଏକାଡେମୀରେ ବିନିଯୋଗ କରି ଯୁବତୀଯୁବକଙ୍କୁ ତାଲିମ ଦେବେ। ଯାହାକି ସେନା ଓ ପୋଲିସରେ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂଘ ଉପସଭାପତି ଏମ୍. ବାଲା କ୍ରିଷ୍ଣା ରାଓ, ଜିଲା କ୍ରୀଡ଼ା ସଂଘ ସଧାରଣ ସମ୍ପାଦକ ଅର୍ଜୁନ ତ୍ରିପାଠୀ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ପୌର ପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଏକାଡ଼େମୀରେ ତାଲିମ ନେବାକୁ ହେଲେ ମାସକୁ ୧୫୦୦ ଟଙ୍କା ଫିସ ଦେବାକୁ ପଡ଼ିବ ଓ ମନୋରଞ୍ଜନ ପାଇଁ ଗଲେ ୧୦୦ ଟଙ୍କା ଟିକେଟ ଫିସ ରଖାଯାଇଛି ବୋଲି ଜି.ଗୋଲ୍ଡ ସ୍ମିଥ ପ୍ରକାଶ କରିଛନ୍ତି।

### ଗୋରୁ ଚରାଳିଙ୍କ ମୃତ୍ୟୁ

ଆସିକା, ୧୧।୬ (ଡି.ଏନ୍.ଏ): ଆସିକା ଥାନା ଅନ୍ତର୍ଗତ ଦାସନାପଲ୍ଲୀ ଗ୍ରାମରେ ରବିବାର ମଧ୍ୟାହ୍ନରେ ଜଣେ ଗୋରୁ ଚରାଳିଙ୍କ ମୃତ୍ୟୁ ଘଟିଛି। ହେସ ହେଲେ ସେହି ଗ୍ରାମର ଇନ୍ଦ୍ର ଗୌଡା ତାଙ୍କ ପୁଅ ବ୍ରହ୍ମା ଗୌଡ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ସବୁଦିନ ଭଳି ରବିବାର ଗୋରୁ ଚରାଇବା ଲାଗି ବଣବାଲି ନିକଟସ୍ଥ ଗଡଗଡିଆ ନାଳ ପାଖକୁ ଯାଇଥିଲେ। ମଧ୍ୟାହ୍ନରେ ତାଙ୍କ ସ୍ତ୍ରୀ ଖାଦ୍ୟ ନେଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଅଚେତ ଅବସ୍ଥାରେ ଦେଖିଥିଲେ। ତୁରନ୍ତ ଇନ୍ଦ୍ରଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଏହାକୁ ଏକ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଇଛ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏଶନର ଜିଲା ସମ୍ମିଳନୀ

ଜୟପୁର,୧୧।୬ (ନି.ପ୍ର.)

ଜୟପୁର ଟାଉନହଲଠାରେ ରବିବାର ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ପକ୍ଷରୁ କୋରାପୁଟ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ନଳିନୀ ରଥ ସ୍ୱାଗତ ସୂଚନା ଦେଇଥିଲେ। ସର୍ବନିମ୍ନ ପେନସନ ୯ହଜାର ଟଙ୍କା ପେନସନ କରିବାକୁ ସମ୍ମିଳନୀରେ ଦାବି କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ମୁଖ୍ୟବକ୍ତା ରୂପେ ଇପିଏଫ ପେନସନର୍ସ ସଂଘର ଅଲ ଓଡିଶା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ସମ୍ମାନିତ ଅତିଥି ରୂପେ ଯୁଧିଷ୍ଠିର ରାଉଳ, ପ୍ରଫୁଲ୍ଲ ଦାସ, ଯୁଗ୍ମ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ମାଲକାନଗିରି, ରାୟଗଡ଼ା ନବରଙ୍ଗପୁର ଜିଲା ସଭାପତିମାନେ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି ପେନସନ ପାଇଁ ଜିଲାରେ ବିଭିନ୍ନ ସମୟରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ବ୍ରହ୍ମା ସମସ୍ତ ଇପିଏଫ ପେନସନର୍ସଙ୍କୁ ବିଜୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ସାମିଲ କରିବାକୁ ଦାବି କରିଥିଲେ। ସର୍ବନିମ୍ନ ମାସିକ ପେନସନ ୯ହଜାର ଟଙ୍କା ଘୋଷଣା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବାକୁ ଦାବି କରାଯାଇଥିଲା। ସଭାପତି ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

# ୪ ମାସ ପରେ ହିତାଧିକାରୀଙ୍କୁ ମିଳିଲା ଭତ୍ତା


ହିତାଧିକାରୀଙ୍କ ସହ ଭତ୍ତା ଦେବାନେଇ ଆଲୋଚନା କରାଯାଉଛି।

ତେନ୍ତୁଳିଖୁଣ୍ଟି, ୧୧।୬(ଡି.ଏନ୍.ଏ.)

■ ୧୫ ପଞ୍ଚାୟତ ବୁଲି ଭତ୍ତା ବାଣ୍ଟିଲେ ବିଡିଓ
■ ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀ ପାଇଲେ ଭତ୍ତା

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ବିଡିଓ ମନୋଜ ପାଣିଗ୍ରାହୀ ପଞ୍ଚାୟତ ପ୍ରତିନିଧି, ବ୍ୟାଙ୍କ ଗ୍ରାହକ ସେବାକେନ୍ଦ୍ର ପ୍ରତିନିଧି, ପିଇଓ, ଜିଆର୍‌ଏସ୍‌ଙ୍କ ସହ ବ୍ଲକର ୧୫ ପଞ୍ଚାୟତ ବୁଲି ପେନ୍‌ସନ ଯୋଜନାର ହିତାଧିକାରୀଙ୍କ ସମସ୍ୟା ସମାଧାନ କରିଛନ୍ତି। ହିତାଧିକାରୀମାନେ ଆଧାର ଲିଙ୍କ୍ ନ ହେବା, ବାର୍ଦ୍ଧକ୍ୟ ଯୋଗୁ ନିଜର ଫିଙ୍ଗର ପ୍ରିଣ୍ଟ ହେଉ ନ ଥିବା, ବୟସାଧିକ ଯୋଗୁ ବ୍ୟାଙ୍କ କି ଗ୍ରାହକ ସେବାକେନ୍ଦ୍ର ଯାଇ ନ ପାରି ମଧୁବାବୁ ପେନ୍‌ସନ ଯୋଜନା ଓ ଇନ୍ଦିରା ଗାନ୍ଧୀ ଜାତୀୟ ପେନ୍‌ସନ ଯୋଜନାର ଲାଭ ଉଠାଇ ପାରୁ ନ ଥିଲେ। ବିଡିଓ ସେମାନଙ୍କ ନିକଟରେ ପହଞ୍ଚି ଭତ୍ତା ପ୍ରଦାନ କରିଛନ୍ତି। ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ ଏପରି ପ୍ରାୟ ଶହେରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସେମାନେ ପାଇ ନ ଥିବା ଚାରି ପାଞ୍ଚମାସର ଭତ୍ତା ପ୍ରଦାନ କରାଯାଇଛି। ବ୍ଲକର କୁକୁଡ଼ାବାଇ, କଂଗ୍ରା, କଣ୍ଡାଗାଁ, ଝରିଗୁମ୍ମା, ଅଞ୍ଚଳଗୁମ୍ମା, ପରଜା ବାରଙ୍ଗପଦରର ଗଡିପୁଟ, ଲମତାଗୁଡା, ତେନ୍ତୁଳିଖୁଣ୍ଟିର ଉଦୟପୁର, ପାତ୍ରପୁଟ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟାସଭ୍ୟଙ୍କ ସହିତ ଆଲୋଚନା କରି ଭତ୍ତା ସମସ୍ୟା ସମାଧାନ କରାଯାଇଛି। ପରଜା ବାରଙ୍ଗପଦର ପଞ୍ଚାୟତ ପୋଡ଼ାଗଡ଼ ଗାଁର ଗୋପାଳ ହରିଜନ ନିଜର ସମସ୍ତ ପରିଚୟପତ୍ର ଟ୍ରେନ୍‌ରେ ଆସିବା ବେଳେ ହଜାଇ ଦେଇଛନ୍ତି। ଏଣୁ ସେ ଦିବ୍ୟାଙ୍ଗ ହିତାଧିକାରୀ ହୋଇ ମଧ୍ୟ ଭତ୍ତାରୁ ବଞ୍ଚିତ। ତାଙ୍କୁ ଭତ୍ତା ଦେବାକୁ ଦାବି ହୋଇଛି। ସେହିପରି ଯେଉଁ ଦିବ୍ୟାଙ୍ଗ ପ୍ରମାଣପତ୍ର ଅଭାବରୁ ଭତ୍ତା ପାଉନାହାନ୍ତି ସେମାନଙ୍କୁ କେବେ ଭତ୍ତା ମିଳିବ ସେନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଗୋପାଳଙ୍କୁ ଭତ୍ତା ଦେବା ନେଇ ବିଡିଓଙ୍କୁ ପଚାରିବାରୁ, ଗୋପାଳଙ୍କର ପରିଚୟ ପତ୍ର, ପେନ୍‌ସନ ଖାତା ଭଳି କୌଣସି ପ୍ରମାଣପତ୍ର ନାହିଁ। ବ୍ଲକ କର୍ମଚାରୀଙ୍କୁ ପଠାଇ ତାଙ୍କ ଆଧାର କାର୍ଡ କରାଇବା ବ୍ୟବସ୍ଥା କରିବି ବୋଲି ସେ କହିଛନ୍ତି।

# ପରଜା ସମାଜର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଲକ୍ଷ୍ମୀପୁର, ୧୧।୬ (ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲ ଓ କଲେଜରେ ଅଧ୍ୟୟନ କରି କୃତିତ୍ୱର ସହ ଦଶମ ଓ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ପରଜା ସମାଜର କୃତୀ ଛାତ୍ରୀଛାତ୍ରଙ୍କୁ ପରଜା ସମାଜ ପକ୍ଷରୁ ରବିବାର ପୁରସ୍କୃତ କରାଯାଇଛି। ଏନେଇ ଏକ ସଭା ଗୌଡଗୁଡ଼ା ଗ୍ରାମ ଖେଳପଡିଆଠାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଭୁ ଜାନି, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ମମତା ଝଡିଆ, ସମ୍ମାନିତ ଅତିଥି ରୂପେ ପ୍ରଫେସର ଈଶ୍ୱର ମୁଦୁଲି, ଆଇନଜୀବୀ ହରିଶ ଚନ୍ଦ୍ର ମୁଦୁଲି, ଏଏସ୍‌ଆଇ ରାମନାଥ ମୁଦୁଲି, ଅତିରିକ୍ତ ଶିକ୍ଷା ଅଧିକାରୀ ମଦନ ମୁଦୁଲି, ଶିବ ମୁଦୁଲି, ପଦ୍ମନାଭ ଜାନି,



ସୁବାସ ନନ୍ଦିବାଡି, ଶିକ୍ଷକ ଜଗନାଥ ମୁଦୁଲି, ପୂର୍ବତନ ସରପଞ୍ଚ ଡମ୍ବରୁଧର ମୁଦୁଲିଙ୍କ ସହ ଅଭିଭାବକମାନେ ଉପସ୍ଥିତ ଥିଲେ। ଅତିଥିମାନେ ପରଜା ସମାଜର ଛାତ୍ରୀଛାତ୍ରଙ୍କ ସଫଳତାରେ ଖୁସି ପ୍ରକାଶ କରି ସେମାନଙ୍କ ଉଜ୍ଜ ଭବିଷ୍ୟତ କାମନା କରିଥିଲେ। ଗୌଡଗୁଡ଼ା ସରପଞ୍ଚ ଭଗବତୀ ମୁଦୁଲି, ପଞ୍ଚଡା ସରପଞ୍ଚ ପ୍ରିୟଙ୍କା ଜାନି, ତୁନପାର ସରପଞ୍ଚ ମଧୁ ଧାଙ୍ଗଡାମାଝୀ, କୁସମଗୁଡ଼ା ସରପଞ୍ଚ ଇନ୍ଦ୍ର ପଞ୍ଜିଆଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ୧୧ ବର୍ଷ ପରେ ମିଳିଲା ନିଖୋଜ ପୁଅ


ରାମେଶ୍ୱରଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଉଛି।

ଉମରକୋଟ, ୧୧।୬(ସ୍ୱ.ପ୍ର.)

■ ୨୦୧୨ ଫେବୃୟାରୀରୁ ନିଖୋଜ ଥିଲେ ମାନସିକ ବିକାରଗ୍ରସ୍ତ ଯୁବକ
■ ଛତିଶଗଡ଼ରୁ ଉଦ୍ଧାର କଲା ଉମରକୋଟ ପୋଲିସ

ଦୀର୍ଘ ୧୧ ବର୍ଷ ତଳେ ନିଖୋଜ ହୋଇଥିବା ମାନସିକ ବିକାରଗ୍ରସ୍ତ ଜଣେ ଯୁବକଙ୍କୁ ଉମରକୋଟ ପୋଲିସ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଅକୁ ଏତେଦିନ ପରେ ପାଇ ମା'ବାପାଙ୍କ ଆଖିରେ ଖୁସିର ଲୁହ।

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅନ୍ତର୍ଗତ ଶଙ୍କରଡ଼ା ଗ୍ରାମର ଜଲାମ ଭତ୍ରାଙ୍କ ପୁଅ ରାମେଶ୍ୱର ୨୦୧୨ ଫେବୃୟାରୀରେ କେଉଁଆଡ଼େ ଚାଲିଯାଇଥିଲେ। ସେତେବେଳେ ତାଙ୍କୁ ୧୫ ବର୍ଷ ହୋଇଥିଲା। ରାମେଶ୍ୱର ଜନ୍ମରୁ ମୂକ, ବଧିର ଓ ମାନସିକ ବିକାରଗ୍ରସ୍ତ ଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ଖବର ପାଇ ନ ଥିଲେ। ୨୦୧୩ ଅଗଷ୍ଟ ୧୨ରେ ପରିବାର ଲୋକେ ଉମରକୋଟ ଥାନାରେ ନିଖୋଜ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ସେତେବେଳେ ମଧ୍ୟ ଉମରକୋଟ ପୋଲିସ ବହୁ ଖୋଜାଖୋଜି କରି ରାମେଶ୍ୱରଙ୍କୁ ଠାବ କରିବାରେ ସକ୍ଷମ ହୋଇ ନ ଥିଲା। ତେବେ ରାମେଶ୍ୱର ଛତିଶଗଡ଼ ରାଜ୍ୟର ଅନନ୍ତପୁର ଥାନା ଅଧୀନ ଅମରାବତୀ ଗ୍ରାମରେ ଥିବା ଉମରକୋଟ ପୋଲିସ କିଛିଦିନ ତଳେ ଖବର ପାଇଥିଲା। ଏହାପରେ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦାଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ନିଳିମା ପାଣିଗ୍ରାହୀ ରାମେଶ୍ୱରଙ୍କୁ ସେଠାରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛନ୍ତି।

# ଗଞ୍ଜେଇ ଚୋରାଚାଲାଣ, ୨ ଗିରଫ

ଜୟପୁର, ୧୧।୬ (ନି.ପ୍ର.)

ଗଞ୍ଜେଇ ଚୋରାଚାଲାଣ ବେଳେ ରବିବାର ଜୟପୁର ସଦର ପୋଲିସ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଜସ୍ଥାନର ପପୁ ରାମ (୨୭) ଓ ଜାକିର ଖାନ (୨୧) । ପୋଲିସ ପାତ୍ରପୁଟରେ ପାଟ୍ରୋଲିଂ କରୁଥିବା ବେଳେ ପପୁ ଓ ଜାକିର ଏକ ଜରି ବ୍ୟାଗ ଧରି ଛକଠାରେ ବସ୍‌କୁ ଅପେକ୍ଷା କରିଥିଲେ। ପୋଲିସ ସେମାନଙ୍କ ନିକଟରେ ପହଞ୍ଚି ସନ୍ଦେହ କରି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଜରି ବ୍ୟାଗରୁ ଗଞ୍ଜେଇ ମିଳିଥିଲା। ଏହାକୁ ଓଜନ କରିବାରୁ ୨୨ କେଜି ହୋଇଥିଲା। ଗଞ୍ଜେଇ ଜବତ ପରେ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

ବୈପାରିଗୁଡା,୧୧।୬ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ ଦଶମନ୍ତପୁର ଗ୍ରାମର ଗୌର ପ୍ରଧାନୀ (୪୮) ଗତ ୮ ତାରିଖରୁ ନିଖୋଜ ଥିଲେ। ରବିବାର ତାଙ୍କ ମୃତଦେହ ଜବତ ହୋଇଛି। ମୃତଦେହଟି ଝୁଲନ୍ତା ଏକ କାଜୁ ବଗିଚାରେ ଝୁଲନ୍ତା ଅବସ୍ଥାରେ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ଘଟଣସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାର ତଦନ୍ତ ଜାରି ରହିଛି।

# ଉମରକୋଟର ରୁଦ୍ରଙ୍କୁ ସିଲଭର ମେଡାଲ

ଉମରକୋଟ, ୧୧।୬(ସ୍ୱ.ପ୍ର.)



■ ରାଜ୍ୟସ୍ତରୀୟ ଉସୁ ମାର୍ଶାଲ ଆର୍ଟ କିକ୍ ବକ୍ସିଂ ପ୍ରତିଯୋଗିତା
■ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତର ଖେଳରେ ଭାଗ ନେବେ

ନବରଙ୍ଗପୁର ଜିଲା ଉମରକୋଟ ବଙ୍ଗୀୟ ଗ୍ରାମ ଅଧିକାରୀଗୁଡା ଗ୍ରାମର ଦଶମ ଶ୍ରେଣୀ ଛାତ୍ର ରୁଦ୍ର ପ୍ରତାପ ବିଶ୍ୱାସ ଉସୁ ମାର୍ଶାଲ ଆର୍ଟ କିକ୍ ବକ୍ସିଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଜୁନିୟର ବିଭାଗରେ ଭାଗନେଇ ଦ୍ୱିତୀୟ ହେଇଛନ୍ତି। ତାଙ୍କୁ ସିଲଭର ମେଡାଲ ମିଳିଛି। ଏଥିସହ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବା ପାଇଁ ତାଙ୍କୁ ମନୋନୀତ କରାଯାଇଛି।

ଜୁନ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଗୋଳରେ ରାଜ୍ୟସ୍ତରୀୟ ଉସୁ ମାର୍ଶାଲ ଆର୍ଟ କିକ୍ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟର ବିଭାଗରେ ସମଗ୍ର ଓଡ଼ିଶାର ୩୦ ଜିଲାରୁ ପ୍ରତିଯୋଗୀମାନେ ଭାଗନେଇଥିଲେ। ନବରଙ୍ଗପୁର ଜିଲାରୁ ୩ ଜଣ ଅଂଶ ଗ୍ରହଣ କରିଥିଲେ। ରୁଦ୍ରଙ୍କୁ ସିଲଭର ମେଡାଲ ସହ ପ୍ରମାଣପତ୍ର ମିଳିଛି। ଏହି ପ୍ରତିଯୋଗିତାରେ ସଫଳ ହେଇଥିବାରୁ ଆଗାମୀ ଦିନରେ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତର ପ୍ରତିଯୋଗିତାରେ ରୁଦ୍ରଙ୍କୁ ଖେଳିବାର ସୁଯୋଗ ମିଳିବ।

ବିଭାରାଣୀ ବିଶ୍ୱାସ ଓ ବ୍ରିଟିଶ ବିଶ୍ୱାସଙ୍କ ପୁଅ ରୁଦ୍ର ଚଳିତ ବର୍ଷ ଉମରକୋଟ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲରୁ ଦଶମ ପାସ୍ କରିଛନ୍ତି। ରୁଦ୍ରଙ୍କୁ ଯେତେବେଳେ ୪ ବର୍ଷ ବୟସ ହେଇଥିଲା ତାଙ୍କର ମାର୍ଶାଲ ଆର୍ଟ ପ୍ରତି ଆଗ୍ରହ ଦେଖା ଯାଇଥିଲା ବୋଲି ବାପା ବ୍ରିଟିଶ କହିଛନ୍ତି। ମାର୍ଶାଲ ଆର୍ଟରେ ରୁଦ୍ର ବର୍ତ୍ତମାନ ସୁଦ୍ଧା ଜାତୟସ୍ତରରେ ୨ଥର ଓ ରାଜ୍ୟସ୍ତରରେ ୩ ଥର ଭାଗ ନେଇ ସାରିଛନ୍ତି। ରୁଦ୍ର ଦୀର୍ଘ ୩ ବର୍ଷ ହେଲା ଉମରକୋଟ ସହର ସନ୍ତୋଷୀ ନଗରର ମାର୍ଶାଲ ଆର୍ଟ ଶିକ୍ଷକ ସରୋଜ କୁମାର ପଟ୍ଟନାୟକଙ୍କ ନିକଟରେ ତାଲିମ ନେଉଛନ୍ତି। ଅଲିମ୍ପିକ୍ସରେ ଖେଳି ପଦକ ଜିତିବା ଲକ୍ଷ୍ୟ ବୋଲି ରୁଦ୍ର କହିଛନ୍ତି। ରୁଦ୍ର ସୋମବାର ଉମରକୋଟରେ ପହଞ୍ଚିବେ। ତାଙ୍କର ଏହି ସଫଳତା ପାଇଁ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ଏବେ ଖୁସିର ମାହୋଲ।

# ସେପ୍ଟେମ୍ବର ଶେଷ ଆଗରୁ ରବି ଫସଲ ବିହନ ଯୋଗାଣ ଦାବି

ତେନ୍ତୁଳିଖୁଣ୍ଟି, ୧୧।୬(ଡି.ଏନ୍.ଏ.)



ଦାବିପତ୍ର ଦେବାକୁ ଆସିଥିବା ମଞ୍ଚ ସଦସ୍ୟ ଓ ଅନ୍ୟମାନେ।

## ମହିଳା ଜନସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ମହିଳା ଜନସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳ ଡ କମଳ ଲୋଚନ ମିଶ୍ରଙ୍କୁ ଦାବିପତ୍ର ଦିଆ ଯାଇଛି। ରବି ଫସଲ ବିହନ ଠିକ୍ ସମୟରେ ଯୋଗାଇବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି।

ମହିଳା ଜନସୁରକ୍ଷା ମଞ୍ଚ, ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ ନିକଟରେ ରବି ଫସଲ ସର୍ବେକ୍ଷଣ କରାଯାଇଥିଲା। ଓଡ଼ିଶା ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ରବି ଫସଲ ଚାଷୀଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଛି ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି। ଓଡ଼ିଶାର ଗଜପତି, ବୌଦ୍ଧ, ଦେବଗଡ଼ ଏବଂ ନବରଙ୍ଗପୁର ଜିଲାର ୧୨ ବ୍ଲକର ୪୦୦୩ ଚାଷୀଙ୍କୁ ନେଇ ସର୍ବେକ୍ଷଣ କରାଯାଇଥିଲା। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କେବଳ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହନ କରେନାହିଁ ବରଂ ଚାଷୀର ଆୟ ବୃଦ୍ଧି ସହିତ ମାଟିର ଉର୍ବରତାକୁ ବଜାୟ ରଖିବା ଏବଂ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ମଧ୍ୟ ସହାୟକ ହେଉଛି ବୋଲି ସର୍ଭେରୁ ଜଣାପଡ଼ିଛି। ମୁଗ, ବିରି, କୋଳଥ ଏବଂ ଚଣା ଆଦି ଅନ୍ୟ ଫସଲ ତୁଳନାରେ ଅଧିକ ଲାଭଦାୟକ। ଏହାର ଉତ୍ପାଦନ କରି ଚାଷୀଙ୍କ ୨୯୯୨୦ ଟଙ୍କା ଲାଭ ହେଉଛି। ଏହା ପଛକୁ ରହିଛି ହରଡ଼ ଓ ବିରି ଭଳି ଡାଲିଜାତୀୟ ଫସଲ। ଏହାକୁ ଉତ୍ପାଦନ କରି ଚାଷୀ ୨୧୨୩୧ ଟଙ୍କା ଲାଭ କରୁଛନ୍ତି। ରବି ଫସଲରେ ହେଉଥିବା ଲାଭ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅଶିଦିନର ମଜୁରି ସହ ସମାନ। ଏହାସହିତ ଖରିଫ ଫସଲ ତୁଳନାରେ ରବି ଫସଲ ଚାଷ ପ୍ରଣାଳୀରେ ସର୍ବନିମ୍ନ ଜଳସେଚନର ଆବଶ୍ୟକ ଥାଏ। ତେଣୁ ସରକାର ଏହି ଚାଷକୁ ପ୍ରୋତ୍ସାହନ ଦେଲେ ରବି ଫସଲ ଚାଷୀଙ୍କ ଉନ୍ନତି ହେବା ସହ ଅଭାବୀ ସ୍ଥାନାନ୍ତରଣକୁ ରୋକିବାରେ ଏହା ଏକ ଲାଭଦାୟକ ପଦକ୍ଷେପ ହେବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସେପ୍ଟେମ୍ବର ମାସ ଶେଷ ପୂର୍ବରୁ ବିହନ ଯୋଗାଇଦେବା ନିମନ୍ତେ ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। କାର୍ଯ୍ୟକ୍ରମକୁ ତ୍ରିଲୋଚନ ବାଘ ପରିଚାଳନା କରିଥିଲେ। ଏଥିରେ ୬ଟି ବ୍ଲକର ପ୍ରତିନିଧି ଯୋଗଦେଇଥିଲେ। ସଂଗଠନ କର୍ମୀ ଅନିତା ଖରା, ଦିଲୀପ ଛତ୍ରିଆ, ଚନ୍ଦ୍ରଭାନୁ ଭୁକ୍ତା, ବିଷ୍ଣୁ, ରାଜୁ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

**ଶିକ୍ଷା ସଚେତନତା ପରାମର୍ଶ ଶିବିର**

ଜୟପୁର,(ନି.ପ୍ର. )- ଜୟପୁରସ୍ଥିତ ସ୍ୱାମୀନାଥନ ଗବେଷଣା କେନ୍ଦ୍ରଠାରେ ପେଣ୍ଠିଆ ହଲବା ସମାଜର ୧୦ମ,+୨ ଓ +୩ ଉତ୍ତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀଙ୍କୁ ନେଇ ଏକ ଶିକ୍ଷା ସଚେତନତା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୨୦ ବିଦ୍ୟାର୍ଥୀ ଓ ୨୦ ଜଣ ପେଣ୍ଠିଆ ହଲବା ସମାଜର ବୁଦ୍ଧିଜୀବୀ ଏବଂ ପ୍ରଶିକ୍ଷକ ଡ.ପୂର୍ଣ୍ଣଚନ୍ଦ୍ର ତନ୍ତି, ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନି, ଆସାମର ସହକାରୀ ପ୍ରଫେସର ଉମାକାନ୍ତ ମାଝୀ, ଗୁଜରାଟ ବିଶ୍ୱ ବିଦ୍ୟାଳୟର ସୁରେଶ ସାଉନ୍ତା, ମେଡିକାଲ ଅଫିସର ଡକ୍ଟର ସରୋଜ ହଲବା, ବରିଷ୍ଠ ପ୍ରଶିକ୍ଷକ ଦୀନବନ୍ଧୁ ହଲବା ପ୍ରମୁଖ ଯୋଗ ଦେଇଥିଲେ।

**ସଂକ୍ଷେପରେ**

## କୋରାପୁଟ ହସପିଟାଲରେ ଭିଡିଓ ସର୍ଜରି ମେଶିନ ସ୍ଥାପିତ



କୋରାପୁଟ,୧୧।୬(ସ୍ୱ.ପ୍ର.)- କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଅତ୍ୟାଧୁନିକ ନୂତନ ଭିଡିଓ ଏଣ୍ଡୋସ୍କୋପି ସାଇନସ ଏବଂ ହିଷ୍ଟୋରୋଲାପାରୋସ୍କୋପି ସର୍ଜରି ମେଶିନ ସ୍ଥାପନ କରାଯାଇଥିବା ହସପିଟାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ସୂଚନା ଦେଇଛନ୍ତି। କୋରାପୁଟ ହସ୍ପିଟାଲରେ କାନ, ନାକ ଓ ଗଳା ବିଭାଗରେ ଭିଡିଓ ଏଣ୍ଡୋସ୍କୋପି ସାଇନସ ସର୍ଜରୀ ମେସିନ ସ୍ଥାପନ କରାଯାଇଥିବାବେଳେ ଏହାଦ୍ୱାରା ସାଇନସ ଜନିତ ରୋଗଗୁଡିକର ଅତି ସହଜରେ ଏବଂ ସ୍ୱଳ୍ପ ସମୟରେ ଅସ୍ତ୍ରୋପଚାର ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ହିଷ୍ଟୋରୋଲାପାରୋସ୍କୋପି ସର୍ଜରି ମେଶିନ ସ୍ଥାପନ କରାଯାଇଛି। ମହିଳାମାନଙ୍କ ପେଟ ଓ ଗର୍ଭାଶୟ ଜନିତ ରୋଗ ଅତି ସହଜରେ ସ୍ୱଳ୍ପ ସମୟ ମଧରେ ଅସ୍ତ୍ରୋପଚାର ହୋଇପାରିବ ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ମହାପାତ୍ର କହିଛନ୍ତି। ରୋଗୀମାନେ ମାଗଣାରେ ଏହାର ଲାଭ ଉଠାଇପାରିବେ ବୋଲି ସେ କହିଛନ୍ତି।

## ଜିଲା ପ୍ରଶାସନ-ଏସ୍‌ପି ଏକାଦଶ କ୍ରିକେଟ ଟୁର୍ନାମେଣ୍ଟ
## ଏସ୍‌ପି ଏକାଦଶ ବିଜୟୀ

କୋରାପୁଟ,୧୧।୬(ସ୍ୱ.ପ୍ର.)- କୋରାପୁଟ ପୋଲିସ ପରେଡ ପଡିଆଠାରେ ଜିଲା ପ୍ରଶାସନ ଓ ଏସ୍‌ପି ଏକାଦଶ ମଧରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୧୫ ଓଭର ବିଶିଷ୍ଟ ଏହି କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଥମେ ଜିଲା ପ୍ରଶାସନ ଏକାଦଶ ବ୍ୟାଟିଂ କରି ୯୯ ରନ କରିଥିଲା।



ବିଜୟ ଲକ୍ଷ୍ୟ ନେଇ ଧାର୍ଯ୍ୟ ରନର ପିଛା କରି ଏସ୍‌ପି ଏକାଦଶ ୧୦ ଓଭରରେ ୧୦୦ ରନ କରି ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ମୀନା ବିଜୟୀ ଏସ୍‌ପି ଏକାଦଶ ଦଳକୁ ବିଜୟୀ ଟ୍ରଫି ପ୍ରଦାନ କରିଥିବାବେଳେ ରନର୍ସଅପ ଟ୍ରଫି ଜିଲା ପ୍ରଶାସନ ଏକାଦଶକୁ ପ୍ରଦାନ କରିଥିଲେ। ଏହି ଅବସରରେ ଏସପି ଅଭିନବ ସୋନକାର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର , ଆଇଏଏସ ପ୍ରେବେସନାରି ପ୍ରଥମେଶ ରାଜଶ୍ରୀକେ , କୋରାପୁଟ ଉପଜିଲାପାଳ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପ୍ରେସ୍‌ ଓ ଆଇନଜିବୀଙ୍କ ମଧରେ ଏଭଳି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯିବ ବୋଲି ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଥିଲେ।

# ବିହନ ବଣ୍ଟନ କରି ଆଳୁ ମିଶନର କଲେ ଶୁଭାରମ୍ଭ

■ ସ୍ୱତନ୍ତ୍ର ସଚିବ ଅରବିନ୍ଦ ପାଢ଼ୀଙ୍କ ନନ୍ଦପୁର ଗସ୍ତ

■ ଖୁର୍ଜିରେ ଅଦା ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟିତ

ନନ୍ଦପୁର, ୧୧।୬ (ଡି.ଏନ.ଏ.)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗସ୍ତରେ ରାଜ୍ୟ ସତନ୍ତ୍ର ସଚିବ ଅରବିନ୍ଦ ପାଢ଼ୀ ରବିବାର ହିକିମପୁଟ ପଞ୍ଚାୟତର ନୀଳଦୋରାପୁଟ ଗ୍ରାମରେ ଆଳୁ ମିଶନର ଶୁଭାରମ୍ଭ କରିଛନ୍ତି। ଏଥିସହ ସେ ଖୁର୍ଜି ପଞ୍ଚାୟତରେ ଅଦା ପ୍ରକ୍ରିୟାକରଣ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ନୀଳ ଦୋରାପୁଟ ଗ୍ରାମରେ ପାଢୀ ୬୦୦ବସ୍ତା ଆଳୁ ବିହନ ଚାଷୀଙ୍କୁ ବଣ୍ଟନ କରିଥିଲେ। ଖୁର୍ଜି ପଞ୍ଚାୟତରେ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ନେଇ ଗଠିତ ମା'ଦୁର୍ଗା ମହିଳା ଉତ୍ପାଦକ ସଂଘ ପାଇଁ ପ୍ରତିଷ୍ଠା ହୋଇଥିବା ଅଦା ପ୍ରକ୍ରିୟାକରଣ କେନ୍ଦ୍ରକୁ ମଧ ସେ ଉଦ୍‌ଘାଟନ କରିଥିଲେ। ନନ୍ଦପୁର ବ୍ଲକ ପ୍ରଶାସନ ଓ ଉଦ୍ୟାନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କୋରାପୁଟ ଜିଲାପାଳ ଅବଦୁଲ ଏମ. ଅଖତର, ରାଜ୍ୟ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସୁକାନ୍ତ ସୁବୁଦ୍ଧି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ



ଅଦା ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟନ ପରେ ସ୍ୱତନ୍ତ୍ର ସଚିବ ଅରବିନ୍ଦ ପାଢ଼ୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ସହ ଆଲୋଚନା କରୁଛନ୍ତି।

ଇସାଲୱାର, ଜିଲା ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ, ସହକାରୀ ନିର୍ଦ୍ଦେଶକ ପୁରଞ୍ଜୟ ପାଣିଗ୍ରାହୀ, ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱରାଜ ରଥ, ସହକାରୀ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ନରସିଂହ ନାୟକ, କୋରାପୁଟ ଜିଲା ପାଇଁ ବିହନ ଯୋଗାଇବା ଦାୟିତ୍ୱରେ ଥିବା ବୈଦ୍ୟନାଥ ଶତପଥୀ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଯସକେତନ ବେହେରା, ଜିପିଇଓ ବେଦାନ୍ତ ମାଝୀ, ବିପିସି ଶ୍ରୀଧର ଜାନି, ବିପିଏମ ବିଚିତ୍ରା ରାଉତ, ଏଓ ସବିତା କୁଲଦୀପ, ନନ୍ଦପୁର ଜୋନ-୧ ଜିଲା ପରିଷଦ ସଦସ୍ୟ ବିଳାସିନୀ ନାୟକ, ଖୁର୍ଜି ସରପଞ୍ଚ ପଦଲାମ ହନ୍ତାଳ, ମିଶନଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଓ ଉଦ୍ୟାନ ବିଭାଗ ପଞ୍ଜୀକୃତ ଚାଷୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସଚିବ ପାଢ଼ୀ ଚାଷୀଙ୍କୁ ଆଳୁ ବିହନ ବଣ୍ଟନ ସମୟରେ ସରକାରଙ୍କ ପକ୍ଷରୁ କୋରାପୁଟ ଜିଲାରେ ଚଳିତବର୍ଷ ୪ ହଜାର ହେକ୍ଟର ଜମିରେ ୧୦୬୦ ହେକ୍ଟର ଜମିରେ ଆଳୁଚାଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅବଗତ କରାଇଥିଲେ। ଚାଷୀଙ୍କୁ ବିହନ ବସ୍ତା ପ୍ରତି ୭୪୫ ଟଙ୍କାର ରିହାତି ଓ ହେକ୍ଟର ପିଛା ୨୨ହଜାର ୪୨୦ଟଙ୍କାର ପ୍ରୋତ୍ସାହନ ରାଶି ଦେବା ବ୍ୟବସ୍ଥା ହୋଇଥିବା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ନନ୍ଦପୁର ଉଦ୍ୟାନ ବିଭାଗ ଅଧିକାରୀ ଦେବାଶିଷ ଦୋରା ପରିଚାଳନା କରିଥିଲେ।

## ଅନାବଶ୍ୟକ ସ୍ଥାନରେ ପଡ଼ିଛି ସିମେଣ୍ଟ ବେଞ୍ଚ୍



ଗଛଲଟାରେ ପରିପୂର୍ଣ୍ଣ ଏକ ସ୍ଥାନରେ ପଡିଥିବା ସିମେଣ୍ଟ ବେଞ୍ଚ୍ ।

ସୁନାବେଡା ,୧୧।୬(ସ୍ୱ.ପ୍ର.)

ସହରାଞ୍ଚଳକୁ ସୌନ୍ଦର୍ଯ୍ୟପୂର୍ଣ୍ଣ କରିବା ପାଇଁ ପଥଚାରୀଙ୍କ ପାଇଁ ସୁନାବେଡା ପୌର ପ୍ରଶାସନ ପକ୍ଷରୁ ହାଲ୍ ଟାଉନଶିପର ବିଭିନ୍ନ ୱାର୍ଡର ଛକ ଓ ରାସ୍ତା ପାର୍ଶ୍ୱରେ ସିମେଣ୍ଟ ତିଆରି ବେଞ୍ଚମାନ ସ୍ଥାପନ କରାଯାଇଛି। ତେବେ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ବହୁ ସ୍ଥାନରେ ଏହା ଜନସାଧାରଣଙ୍କ କାମରେ ଆସୁନି। ହାଲ୍ ଟାଉନଶିପର ଇ-ଜୋନଠାରୁ ମିଳନ ମାର୍କେଟକୁ ଯିବା ରାସ୍ତାର ବାମ ପାର୍ଶ୍ୱରେ ପଡିଥିବା ବେଞ୍ଚ ଦୁର୍ଘଟଣାର କାରଣ ପାଲଟିଛି । ସେହିପରି ୱାଇ ଜୋନଠାରେ ନିର୍ମିତ ସିମେଣ୍ଟ ବେଞ୍ଚ ଅନାବନା ଘାସ ବୁଦାରେ ଲୁଚିଯିବାକୁ ବସିଲାଣି। ଯେଉଁ ସ୍ଥାନରେ ବେଞ୍ଚ ସ୍ଥାପନର ଆବଶ୍ୟକତା ରହିଛି ସେଠାରେ ପୌର ପ୍ରଶାସନ ବେଞ୍ଚ ପ୍ରତିଷ୍ଠା କରିନି। ଏଥିପ୍ରତି ଦୃଷ୍ଟି ଦେଇ ପୌର ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌର ଅଧକ୍ଷ ଡ. ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ସହରରେ ସ୍ଥାନ ଅନୁଧ୍ୟାନ କରି ସିମେଣ୍ଟ ବେଞ୍ଚଗୁଡିକୁ ସ୍ଥାପନ କରାଯିବ।

# କୋରାପୁଟ ଜିଲାର ରାଜନେତାଙ୍କୁ ଆରାଧ ସମ୍ମାନ



ଅତିଥିମାନେ ନୃତ୍ୟଶିଳ୍ପୀଙ୍କୁ ସମ୍ମାନିତ କରୁଛନ୍ତି।

କୋରାପୁଟ,୧୧।୬(ସ୍ୱ.ପ୍ର.)

କୋରାପୁଟ ମ୍ୟୁନିସିପାଲିଟି ଅଡିଟୋରିୟମ ହଲରେ ରବିବାର କୋରାପୁଟ ଜିଲାର ରାଜନେତାମାନଙ୍କୁ ଆରଧା ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀର ଆନ୍ତର୍ଜାତୀୟ ଅନୁଷ୍ଠାନ ଅକ୍ସ ସୋସାଇଟି ପକ୍ଷରୁ ସେମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ଜଣାପଡିଛି। ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟାଙ୍ଗନା ଡକ୍ଟର ଚନ୍ଦନା ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ ଯେଉଁ ଆଦିବାସୀ ରାଜନେତାମାନେ ତଳ ସ୍ତରରୁ ରାଜନୀତିରେ ସାମିଲ ହୋଇ ସଫଳତା ପାଇଛନ୍ତି ସେମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାୟଗଡା ଜିଲାର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ମାଲକାନଗିରି ଜିଲା ପରିଷଦ ସଭାନେତ୍ରୀ ପଦ୍ମିନୀ ମୁଦୁଲି, କୋରାପୁଟ ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ମାଳତୀ ମାଝୀ, କୁନ୍ଦୁରା ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷା କନକ ପେଣ୍ଠିଆ, ମାଲକାନଗିରି ଏନଏସି ପୂର୍ବତନ ଅଧକ୍ଷ ଧର୍ନୁଞ୍ଜୟ ମାଡକାମି ଓ କୋରାପୁଟ ସରପଞ୍ଚ ଦାମୋଦର ଜାନିଙ୍କୁ ଆରାଧା ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ସମ୍ମାନିତ ଅତିଥି ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଆଦିବାସୀ ସାହିତ୍ୟ ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସମ୍ପାଦକ ପ୍ରାଧ୍ୟାପକ ଜଗବନ୍ଧୁ ସାମଲ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦକ ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାଲେଶ୍ୱର ଜିଲା ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକ ଅମର ଆତ୍ମାଙ୍କ ସଦଗତି ପ୍ରାପ୍ତି ନିମନ୍ତେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପ୍ରସିଦ୍ଧ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟାଙ୍ଗନା ଡକ୍ଟର ଚନ୍ଦନା ମା' ଦୁର୍ଗାଙ୍କ ଉପରେ ଆଧାରିତ ଧାୟତେ ସୁବର୍ଣ୍ଣ ବର୍ଣ୍ଣଆଭ୍ୟାମ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋରାପୁଟର ସାଂସ୍କୃତିକ ଅନୁଷ୍ଠାନ ପ୍ରଫୁଲ୍ଲ ପକ୍ଷରୁ ଆଦିବାସୀ ନୃତ୍ୟ, ଢେମସା ଓ କଳା ନିକେତନ ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କୋରାପୁଟର ଝିଅ ଡକ୍ଟର ଚନ୍ଦନା ଓଡ଼ିଶା ତଥା କୋରାପୁଟ ଆଦିବାସୀ କଳା ସଂସ୍କୃତିକୁ ସାରା ବିଶ୍ୱ ଦରବାରରେ ପରିଚିତ କରିଛନ୍ତି, ତାହା ଆମ ପାଇଁ ଗର୍ବର ବିଷୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜ୍ୟୋତ୍ସ୍ନା ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅକ୍ଷୟ ବେହେରା ଉପସ୍ଥାପନା କରିଥିଲେ।

## କୋରାପୁଟ ଏମ୍‌ପିଙ୍କ ସହ ନୂତନ ଜିଲା କଂଗ୍ରେସ ସଭାପତିଙ୍କ ଆଲୋଚନା
## 'କଂଗ୍ରେସ ଜିଲାର ୫ ବିଧାନସଭା ଆସନରେ ବିଜୟୀ ହେବ'

କୋରାପୁଟ,୧୧।୬(ସ୍ୱ.ପ୍ର.)

କୋରାପୁଟ ଜିଲା କଂଗ୍ରେସ କମିଟିର ନୂତନ ଜିଲା ସଭାପତି ଭାବେ ଦୁର୍ଗା ଶଙ୍କର ସାହୁ ମନୋନୀତ ହେବା ପରେ ସେ ରବିବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ସାକ୍ଷାତ କରିଛନ୍ତି। ଆଗାମୀ ଦିନରେ ଜିଲାର ୫ ବିଧାନସଭା ଆସନରେ କଂଗ୍ରେସ ବିଜୟୀ ହେବ ବୋଲି ସେ କହିଛନ୍ତି। ଜିଲାରେ କଂଗ୍ରେସକୁ ଅଧିକ ମଜବୁତ କରିବାକୁ ଉଭୟ ନେତା ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ସମୟରେ କଂଗ୍ରେସ ନେତା କୃଷ୍ଣ କୁଲଦୀପ, ରୁପକ ତୁରୁକ ଉପସ୍ଥିତ ଥିଲେ। କଂଗ୍ରେସର ଟାଣୁଆ ନେତା ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ କଂଗ୍ରେସ ଆଗକୁ ବଢ଼ିବ ବୋଲି ସଭାପତି ସାହୁ ପ୍ରକାଶ କରିଛନ୍ତି।

## ୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ନନ୍ଦପୁର, ୧୧।୬ (ଡି.ଏନ.ଏ.)

ଗଞ୍ଜେଇ ଚୋରାଚାଲାଣ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ ନନ୍ଦପୁର ବ୍ଲକ ପାଡୁଆ ପୋଲିସ ଚଢାଉ କରି ୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ (୫୧୬କେଜି) ଗଞ୍ଜେଇ ଶନିବାର ବିଳମ୍ବିତ ରାତିରେ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଡେଲ ଗ୍ରାମର ଜଗେଶ୍ୱର ଶୁକ୍ରି ଓ ବିହାର ଅଞ୍ଚଳର ହରେନ୍ଦ୍ର ଯାଦବ। ଏନେଇ ପାଡୁଆ ଥାନାରେ ୭୯/୨୩ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ତେବେ ଅନ୍ଧାରର ସୁଯୋଗ ନେଇ କେତେ ଜଣ ଚୋରା ଚାଲାଣକାରୀ ଫେରାର ହୋଇ ଯାଇଥିବା ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଗୋଇନ୍ଦା ସୂଚନା ମୁତାବକ ପାଡୁଆ ଥାନାଧିକାରୀ ସବ୍ୟସାଚୀ ଶତପଥୀ, ଏସ୍‌ଆଇ ହିମାଂଶୁ ଶେଖର ବେହିଆଙ୍କ ନେତୃତ୍ୱରେ ବାଡେଲ ଗ୍ରାମରେ ଶନିବାର ରାତିରେ ଚଢାଉ କରାଯାଇଥିଲା। ଏହି ସମୟରେ ୨୧ଟି ଜରି ବସ୍ତାରେ ଚାଲାଣ ଲାଗି ରଖାଯାଇଥିବା ଗଞ୍ଜେଇକୁ ଜବତ କରାଯାଇଥିଲା। ୨ଜଣଙ୍କୁ ଗିରଫ କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉକ୍ତ ଗଞ୍ଜେଇ ଓଜନ କରିବାରୁ ଏହା ୫୧୬ କେଜି ହୋଇଥିଲା ବୋଲି ଏସଡିପିଓ ମହାପାତ୍ର କହିଛନ୍ତି।

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୧୧।୬ (ନି.ପ୍ର.)

ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ରବିବାର ଗିରଫ କରିଛି। ସେ ହେଲେ ସାନକାଉଡିର ବିଜୟ ବାଲା (୨୨)। ନିକଟରେ ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପାଲ୍ଲି ଛକରୁ ଏକ ଅଟୋର ଚକା ଚୋରି ହୋଇଥିଲା। ଏନେଇ ଅଟୋମାଲିକ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଚୋରି ଘଟଣାରେ ସାନକାଉଡିର ବିଜୟ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରାଯାଇଥିଲା। ବିଜୟଙ୍କଠାରୁ ଚୋରି ହୋଇଥିବା ଟାୟାରକୁ ଜବତ କରି ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ତାଣ୍ଡି କହିଛନ୍ତି।

## କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ବୈଠକ

ଜୟପୁର, ୧୧।୬ (ନି.ପ୍ର.)



ବୈଠକରେ ଉପସ୍ଥିତ ସଦସ୍ୟମାନେ।

କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁରସ୍ଥିତ ମୁଖ୍ୟ ଶାଖାର ସମ୍ମିଳନୀ କକ୍ଷରେ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ବୈଠକରେ ବ୍ୟାଙ୍କର ଉନ୍ନତି ପାଇଁ ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଅନୁମୋଦନ ହୋଇଥିଲା। ଏହି ଅବସରରେ ବ୍ୟାଙ୍କରେ ନୂତନ ରୁପେ କାର୍ଯ୍ୟଭାର ଗ୍ରହଣ କରିଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭୟ ଲେଙ୍କାଙ୍କୁ ସ୍ୱାଗତ କରାଯାଇଥିଲା। ବ୍ୟାଙ୍କ ଉପ ସଭାପତି ଦ୍ରୁପୁତି ଭତ୍ରା, ସମବାୟବିତ୍ ରମାକାନ୍ତ ରାଉଳ, ପରିଚାଳନା ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ଅଧିକାରୀ ଅରୁଣ ସାହୁ, ଅତୁଲ୍ୟ ମଲ୍ଲିକ, ଅଶୋକ ରଥଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପଞ୍ଚାୟତ ଅର୍ଥକୁ ଦୁରୁପଯୋଗ କରୁଛି ବ୍ଲକ ପ୍ରଶାସନ

**ଅଭିଯୋଗ ଆଣିଲେ ୧୪ ସରପଞ୍ଚ**

ପଟ୍ଟାଙ୍ଗି,୧୧।୬(ଡି.ଏନ.ଏ.)

ଚଳିତବର୍ଷ ଏଯାଏ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଏପରି ସ୍ଥିତିରେ ଜନଗହଳି ସ୍ଥାନରେ ଜଳଛତ୍ର ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ସବୁ ପଞ୍ଚାୟତକୁ ନିର୍ଦ୍ଦେଶ ରହିଛି। ପଞ୍ଚାୟତ କାର୍ଯ୍ୟାଳୟ ସରକାରଙ୍କ ନିର୍ଦ୍ଦେଶ ପାଳନ ପାଇଁ ପ୍ରସ୍ତୁତ ଥିଲେ ମଧ ଏନେଇ ରହିଥିବା ଅର୍ଥକୁ ବ୍ଲକ ପ୍ରଶାସନ ଦୁରୁପଯୋଗ କରୁଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ୧୪ଟି ପଞ୍ଚାୟତର ସରପଞ୍ଚମାନେ ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡିଛି, ପଟ୍ଟାଙ୍ଗି ବ୍ଲକର ଅନେକ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ରହିଛି। ରାଜ୍ୟରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ବ୍ଲକର ୧୪ଟି ପଞ୍ଚାୟତର ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତର ୩ଟି ଜନଗହଳି ସ୍ଥାନରେ ପଞ୍ଚାୟତ ଅନୁଦାନରୁ ସରପଞ୍ଚମାନେ ୮୧ହଜାର ଟଙ୍କା ଖର୍ଚ୍ଚ କରି ଜଳଛତ୍ର ପ୍ରତିଷ୍ଠା କରି ପାନୀୟଜଳ ବ୍ୟବସ୍ଥା ନେଇ ପଦକ୍ଷେପ ନେଇଥିଲେ। ମାତ୍ର ବ୍ଲକ ପ୍ରଶାସନ ପଞ୍ଚାୟତର ସରପଞ୍ଚମାନଙ୍କ କୌଣସି ମତ ନ ନେଇ ନିଜ ଇଚ୍ଛାରେ ପଞ୍ଚାୟତର ସ୍ଥାନେ ସ୍ଥାନେ ଜଳଛତ୍ର ପ୍ରତିଷ୍ଠା କରି ପଞ୍ଚାୟତ ଅର୍ଥକୁ ଅପବ୍ୟୟ କରୁଥିବା ୧୪ଟି ପଞ୍ଚାୟତର ସରପଞ୍ଚମାନେ ଅଭିଯୋଗ କରିଛନ୍ତି। ଏବେ ବ୍ଲକ ପ୍ରଶାସନ ନିର୍ମାଣ କରିଥିବା ଜଳଛତ୍ର ଷ୍ଟାଣ୍ଡଗୁଡ଼ିକ କେଉଁଠି ଭାଙ୍ଗି ଗଲାଣି ଆଉ କେଉଁଠି ନାମକୁମାତ୍ର ରହିଛି। ଏହି ଜଳଛତ୍ର ଷ୍ଟାଣ୍ଡରେ ପାଣି ନ ଥିବା ଦେଖିବାକୁ ମିଳୁଛି। ଫଳରେ ଲୋକେ ପାଣି ପିଇବାକୁ ନିର୍ମିତ ଜଳଛତ୍ର ନିକଟକୁ ଯାଇ ନିରାଶ ହେଉଛନ୍ତି। ପଞ୍ଚାୟତର ଅର୍ଥକୁ ଏପରି ଅପବ୍ୟୟ କରିଥିବା ବ୍ଲକ ପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି ହେଉଛି। ସୂଚନାଯୋଗ୍ୟ, ୧୪ ପଞ୍ଚାୟତରେ ୪୨ଟି ଜଳଛତ୍ର ପାଇଁ ବ୍ଲକ ପ୍ରଶାସନ ୧ କୋଟି ୧୩ ଲକ୍ଷ ୪ହଜାର ଟଙ୍କା ବ୍ୟୟ କରିଛି।



ଲାଗିଥିବା ଷ୍ଟାଣ୍ଡପାଇପରେ ପାଣି ଆସୁନି।

# ନୂଆଁଣିଆ ଚାଳ ଘରେ ଜୀବନ ଜୀଇବାକୁ ସଂଘର୍ଷ

■ ନାତୁଣୀଙ୍କ ଆଖି ଭଲ କରିଦେବାକୁ କରୁଛନ୍ତି ଆକୁଳ ପ୍ରାର୍ଥନା

■ ଉଚ୍ଚତର ଚିକିତ୍ସା ପାଇଁ ପାଖରେ ଅର୍ଥ ନାହିଁ

■ ନବମ ଶ୍ରେଣୀରୁ ଗୁରୁବାରୀଙ୍କ ପାଠପଢ଼ାରେ ବନ୍ଧା ହୋଇଛି ଡୋରି

କୁନ୍ଦୁରା,୧୧।୬ (ଡି.ଏନ.ଏ.)

ବୟସ ୭୦ ଟପିଲାଣି। ନୂଆଁଣିଆ ଚାଳ ଘରେ ଜୀବନ ଜୀଇବା ପାଇଁ ସଂଘର୍ଷ କରୁଛନ୍ତି ନାଗବାଲ ଦୁରୁଆ। ଜୀବନର ଅପରାହ୍ନ ବୟସରେ ତାଙ୍କର ନିଜ ପାଇଁ ଯେତିକି ଚିନ୍ତା ନାହିଁ ତା'ଠାରୁ ଅଧିକ ଚିନ୍ତା ନାତୁଣୀ ଗୁରୁବାରୀ ପାଇଁ। ଆଖି ରୋଗରେ ପୀଡିତ ନାତୁଣୀର ଆଖି ଭଲ କରିଦେବାକୁ ସେ ଠାକୁରଙ୍କୁ କରୁଛନ୍ତି ଆକୁଳ ନିବେଦନ। କୋରାପୁଟ ଜିଲା କୁନ୍ଦୁରା ବ୍ଲକ କେରିମିଟି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମରେ ଦେଖିବାକୁ ମିଳିଛି ଏପରି ଦୃଶ୍ୟ।

ଗୁରୁବାରୀଙ୍କ ଆଖି ସମସ୍ୟା ଯୋଗୁ ସେ ନବମ ଶ୍ରେଣୀରୁ ପାଠପଢା ଛାଡିଥିଲେ। ଆଖି ଭଲ କରିବା ଆଶାରେ ବୃଦ୍ଧା ନାଗବାଲ ନାତୁଣୀକୁ ଧରି ଜୟପୁର,କୋରାପୁଟ ଏବଂ ବିଶାଖାପାଟଣା ନେଇ ଚିକିତ୍ସା କରିଥିଲେ। ମାତ୍ର ଏଥିରୁ ତାଙ୍କୁ କିଛି ସୁଫଳ ମିଳି ନ ଥିଲା। ଉଚ୍ଚତର ଚିକିତ୍ସା ପାଇଁ ନାତୁଣୀ ଗୁରୁବାରୀଙ୍କୁ କଟକ ବଡଡାକ୍ତରଖାନା ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ ମଧ ଅର୍ଥ ଅଭାବରୁ ନାତୁଣୀକୁ ସେଠାକୁ ନେଇ ପାରି ନ ଥିଲେ ବୃଦ୍ଧା ନାଗବାଲ୍। କୁଲିଭୂତି କରି ପରିବାର ଚଳାଉଥିବା ପୁଅ ଧବୁଲୁଙ୍କ ରୋଗରେ ମୃତ୍ୟୁ ପରେ ଗୁରୁବାରୀଙ୍କ ଦାୟିତ୍ୱ ପଡିଥିଲା ବୃଦ୍ଧା ନାଗବାଲଙ୍କ ଉପରେ। ନିଜ କୂଳ ରକ୍ଷା ଲାଗି ସେ ସେବେଠାରୁ ନାତୁଣୀ ଗୁରୁବାରୀର ଲାଳନପାଳନ କରିଆସୁଛନ୍ତି। ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଗୁରୁବାରୀଙ୍କ ବାମ ଆଖିରେ ପ୍ରଥମେ ସମସ୍ୟା ଦେଖାଦେଲା। ତାଙ୍କୁ ଭଲ କରିବାକୁ ବୃଦ୍ଧା ନାଗବାଲ୍ ମାଗିଯାଚି ନାତୁଣୀ ଗୁରୁବାରୀଙ୍କୁ କୋରାପୁଟ ଜିଲାରେ ଥିବା ସବୁ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଏବେ ସେ ଦୃଷ୍ଟିବାଧିତ ନାତୁଣୀକୁ ଧରି ଯେତିକି ହଇରାଣ ହେଉଛନ୍ତି ତାଙ୍କ ଚିନ୍ତାରେ ସେତିକି ଘାଣ୍ଟି ହେଉଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଟିକେ ନାହିଁ। ସରକାରୀ ଭାବେ ମିଳୁଥିବା ୫ କେଜି ଚାଉଳ ଉଭୟଙ୍କୁ ନିଅଣ୍ଟ ପଡୁଛି। ପେଟକୁ ଦି ମୁଠା ଖାଇବା ଯୋଗାଡ କରିବା କଷ୍ଟକର ହେଉଛି। ନାତୁଣୀପାଇଁ ସାହି ପଡିଶାଙ୍କଠାରୁ ମାଗିବାକୁ ପଡୁଛି ବୋଲି କହନ୍ତି ନାଗବାଲ୍। ଭଲ ଘର ଖଣ୍ଡେ ନ ଥିବାରୁ ଭଙ୍ଗାରୁଜା ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଉଭୟେ। ଘରଟିଏ ପାଇଁ ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ କାକୁତିମିନତି ହୋଇ କିଛି ସୁଫଳ ମିଳିନି ବୋଲି କହନ୍ତି ନାଗବାଲ୍ ଓ ତାଙ୍କ ନାତୁଣୀ ଗୁରୁବାରୀ। ବାରମ୍ବାର ଭତ୍ତା ପାଇଁ ଆବେଦନ କରି ଆମକୁ ମିଳିନି ବୋଲି କହନ୍ତି ଉଭୟେ।



ନାଗବାଲ୍‌ଙ୍କ ନାତୁଣୀ ଗୁରୁବାରୀ।

# ଅଭିଯୋଗ ସତ୍ତ୍ୱେ ଦୂର ହେଉନି ସମସ୍ୟା

ମାଲକାନଗିରି,୧୧।୬(ଡି.ଏନ୍.ଏ.)

ଓଡ଼ିଶା ସୀମାନ୍ତବର୍ତ୍ତୀ ଅନେକ ଗ୍ରାମର ପାରିପାର୍ଶ୍ୱିକ ବିକାଶ ହେଉ ନ ଥିବାରୁ ଏଠାରେ ବସବାସ କରୁଥିବା ଲୋକେ ପଡୋଶୀ ରାଜ୍ୟରେ ମିଶିବା ପାଇଁ ଇଚ୍ଛା କରୁଛନ୍ତି। ଯେପରି କୋରାପୁଟ ଜିଲା କୋଟିଆ ଅଞ୍ଚଳ। ଏହାର ସୁଯୋଗ ନେଇ ପଡୋଶୀ ରାଜ୍ୟଗୁଡିକ ସୀମାନ୍ତ ଓଡ଼ିଶା ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସୀମାନ୍ତ ରାଜ୍ୟ ଓଡ଼ିଶା ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କ ସପକ୍ଷରେ ମତ ରଖିବା ପାଇଁ ପରୋକ୍ଷରେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି।

ଏପରି ଏକ ଘଟଣା ମାଲକାନଗିରି ଜିଲା ସଦର ବ୍ଲକ ଉଡୁପା ପଞ୍ଚାୟତ ଛତିଶଗଡ ସୀମାନ୍ତକୁ ଲାଗିଥିବା ଟଙ୍ଗପାଲ୍ଲୀ ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମ ଉଡୁପା ପଞ୍ଚାୟତ ସଦର ମହକୁମାଠାରୁ ମାତ୍ର ସାଢ଼େ ୩ କି.ମି. ଛତିଶଗଡ ସୀମାନ୍ତକୁ ଲାଗି ରହିଛି। ଜିଲା ପ୍ରଶାସନ ଆଦିବାସୀମାନଙ୍କ ବିକାଶ ଏବଂ ଛତିଶଗଡକୁ ସଂଯୋଗ ପାଇଁ ମୋଟୁରୁ ଟଙ୍ଗପାଲ୍ଲୀ ଗ୍ରାମକୁ ଏକ ବସ୍ ସେବା ଯୋଗାଇ ଦେଇଥିଲେ। କିନ୍ତୁ ବସ୍‌ଟି କିଛିଦିନ ଚାଲିଲା ପରେ ରାସ୍ତା ଖରାପ ଯୋଗୁ ବନ୍ଦ ହୋଇଗଲା। ଏହି ରାସ୍ତାରେ ପଡିଥିବା ଗୋଡିଗୁଡିକ ଉଠି ବିଭିନ୍ନ ସ୍ଥାନରେ ଖାଲଖମା ହୋଇଯିବାରୁ ଗ୍ରାମବାସୀ ରୋଗୀଙ୍କୁ ଡାକ୍ତରଖାନା ନେବା, ପଦ୍ମଗିରି ଓ ମାଲକାନଗିରି ସଦର ମହକୁମା ଆସିବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଗ୍ରାମରେ କୌଣସି ମୋବାଇଲ ଟାୱାର ନ ଥିବା ବେଳେ ସମସ୍ୟା ଜଣାଇବା, ବିଦ୍ୟାଳୟରେ ୧୧୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଅନ୍‌ଲାଇନ୍ ପାଠପଢାରେ ବ୍ୟାଘାତ ଘଟିଛି। ଗ୍ରାମରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଏଠାରେ କେବଳ ୨ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଜଣେ ଶିକ୍ଷୟିତ୍ରୀ ସରକାରୀ କାର୍ଯ୍ୟରେ ବାହାରକୁ ଯିବା ସମୟରେ ପାଠପଢାରେ ବ୍ୟାଘାତ ହେଉଛି।

ଏଥି ସହ ବିଦ୍ୟାଳୟରେ ପାନୀୟ ଜଳର କୌଣସି ସୁବିଧା ନ ଥିବାରୁ ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଯୋଗାଇ ଦିଆଯାଇ ପାରୁନାହିଁ। ଗ୍ରାମରେ ୨୫୦ ପରିବାର ଥିବା ବେଳେ ଏଠାରେ ଜନସଂଖ୍ୟା ୧୧୫୦। ଗ୍ରାମରେ ୫ ନଳକୂପ ଥିବା ବେଳେ ସେଥିରୁ ୪ଟି ଅଚଳ। ଗୋଟିଏ ନଳକୂପ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଥିବାରୁ ଜଳ ନ ପାଇ ଗ୍ରାମଠାରୁ ଅଧା କି.ମି.ଦୂର


ମହିଳାମାନେ ଅପରିଷ୍କାର ସ୍ଥାନରୁ ପାଣି ନେଉଛନ୍ତି।

■ ଉଡୁପା ପଞ୍ଚାୟତ
■ ବ୍ଲକ ପ୍ରଶାସନ ନୀରବ

ଏକ ଅପରିଷ୍କାର କୁଣ୍ଡରୁ ପାଣି ଆଣୁଥିବା ମହିଳାମାନେ କହିଛନ୍ତି। ସେହି ପାଣିରେ ରନ୍ଧା, ଲୁଗା ସଫା, ପିଲାମାନଙ୍କୁ ଗାଧୋଇବା, ପିଇବା ପାଇଁ ବ୍ୟବହାର କରିବା ସହ କୁଣ୍ଡରୁ ମଧ୍ୟ ଗୋରୁମାନେ ପାଣି ପିଉଛନ୍ତି। ସେହି ପାଣି ବ୍ୟବହାର ଦ୍ୱାରା ଗ୍ରାମରେ ଅନେକ ଚର୍ମରୋଗ, ପେଟରୋଗ ହେଉଥିବା ଗ୍ରାମ ମୁଖିଆ ଭଗବାନ ପଡିଆମି କହିଛନ୍ତି। ସେହିପରି ଦୀର୍ଘ ୧୦ ବର୍ଷ ପୂର୍ବରୁ ଉଠା ପାନୀୟଜଳ ବ୍ୟବସ୍ଥା ପାଇଁ ମୋଟର ଏବଂ ଟାଙ୍କି ଲଗା ଯାଇଥିଲେ ମଧ୍ୟ ଏକ ସପ୍ତାହ ପରେ ତାହା ଅଚଳ ହୋଇ ପଡିଥିବାରୁ ଗ୍ରାମବାସୀଙ୍କ ସମସ୍ୟା ଦୂର ହୋଇ ପାରୁନାହିଁ। ପାଞ୍ଚ ବର୍ଷ ପୂର୍ବରୁ ପଞ୍ଚାୟତ ସଦର ମହକୁମାରୁ ସାଢେ ୩ କି.ମି.ରାସ୍ତା ଟଙ୍ଗପାଲ୍ଲୀ ଗ୍ରାମକୁ ପାଣି ଯୋଗାଇବା ପାଇଁ ପାଇପ୍ ବିଛା ଯାଇଥିଲା। ଉକ୍ତ ପାଇପ୍‌ଗୁଡିକ ଏକମାସ ମଧ୍ୟରେ ନଷ୍ଟ ହୋଇଯିବାରୁ ଗ୍ରାମକୁ ପାଣି ଆସିପାରିନାହିଁ। ୨୫୦ ପରିବାର ମଧ୍ୟରୁ ମାତ୍ର ୨ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଛନ୍ତି। ୨୦ ବର୍ଷ ମଧ୍ୟରେ ମାତ୍ର ୨୦ ଜଣ ବିଜୁ ପକ୍କା ଘର ପାଇଛନ୍ତି।

ଗ୍ରାମର ମୁଖିଆ ଭଗବାନ ପଡିଆମି, ନରସିଂହ ମାଡକାମି, ସରପଞ୍ଚ ଗଙ୍ଗା ମାଡକାମି, ଜୟ ମାଡକାମି, ରାମଧର ପଡିଆମି, ରାମଚନ୍ଦ୍ର କୁରାମି, ଏବଂ ସାମାଜିକକର୍ମୀ ଫନିଭୂଷଣ ରାୟ କହିଛନ୍ତି, ଗ୍ରାମ ସୀମାନ୍ତକୁ ଲାଗି ଛତିଶଗଡର ଚିଟାପାଲ୍ଲୀ ରହିଛି। ସେହିଗ୍ରାମକୁ ଛତିଶଗଡ ସରକାର ଘରେ ଘରେ ପାନୀୟ ଜଳ, ରାସ୍ତାଘାଟ ବିଜୁଳି, ଖାଦ୍ୟ ସାମଗ୍ରୀ, ପ୍ରାଥମିକ ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଇତ୍ୟାଦିର ସୁବିଧା କରିଥିଲେ। ଆମେ ଏ ସମ୍ପର୍କରେ ଜିଲା ଓ ବ୍ଲକ ପ୍ରଶାସନକୁ ବହୁବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। କେବଳ ନିର୍ବାଚନ ସମୟରେ ନେତାମାନେ ଗ୍ରାମକୁ ଆସି ଏହି ସମସ୍ୟା ଶୀଘ୍ର ଦୂର କରିବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ଶେଷ ହେବା ପରେ ଆଉ ଗ୍ରାମକୁ କେହି ଆସିନାହାନ୍ତି। ଉଡୁପା ପଞ୍ଚାୟତବାସୀଙ୍କ ସହ ଟଙ୍ଗପାଲ୍ଲୀ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି, ତୁରନ୍ତ ଆମ ପଞ୍ଚାୟତ ଏବଂ ଗ୍ରାମର ଥିବା ବିଭିନ୍ନ ସମସ୍ୟା ଦୂର କରନ୍ତୁ। ଏ ସମ୍ବନ୍ଧରେ ମାଲକାନଗିରି ବିଡିଓ ଅଜୟ କୁମାର ପ୍ରଧାନଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## ରେଳ ଦୁର୍ଘଟଣାରୁ ବର୍ତ୍ତିଲା ଟ୍ରାକ୍ଟର



ମୁନିଗୁଡ଼ା, ୧୧।୬ (ଡି.ଏନ୍.ଏ):

ରାୟଗଡ଼ା ଜିଲା ମୁନିଗୁଡ଼ା ଫାଟକ ନିକଟରେ ଶନିବାର ରାତିରେ ରେଳ ଦୁର୍ଘଟଣାରୁ ଏକ ଟ୍ରାକ୍ଟର ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ତେବେ ରେଳ ବିଭାଗର କେବିନ୍‌ମ୍ୟାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ବଡ଼ ଧରଣର ଦୁର୍ଘଟଣାକୁ ଠିକ ସମୟରେ ଏଡ଼ାଇ ଦିଆଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଶନିବାର ରାତି ପ୍ରାୟ ୧୧ ଟା ସମୟରେ ୫ଜଣ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଟ୍ରେନ୍ ଲାଇନ୍ ପାର ହେଉଥିବା ବେଳେ ଗେଟ ବନ୍ଦ ହୋଇଯିବାରୁ ଟ୍ରାକ୍ଟରଟି ରେଳ ଧାରଣା ଉପରେ ଅଟକି ରହିଥିଲା। କେବିନମ୍ୟାନ କୌଣସି କାମ କରୁଥିବାବେଳେ ହଠାତ୍ ଟ୍ରାକ୍ଟରଟି ରେଳ ଲାଇନ୍ ଉପରେ ଛିଡା ହୋଇଥିବାବେଳେ ଏବଂ ଅନ୍ୟପଟୁ ଟ୍ରେନ୍ ଆସୁଥିବା ଦେଖି ଗେଟ ଖୋଲି ଦେଇଥିଲେ। ଫଳରେ ଉକ୍ତ ଟ୍ରାକ୍ଟରରେ ଥିବା ଡ୍ରାଇଭର ସହ ୪ ଜଣ ମହିଳା ଏବଂ ଜଣେ ପୁରୁଷ ଶ୍ରମିକ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ବଢାଇବା ସମ୍ପର୍କିତ ତାଲିମ ଶିବିର

ମୁନିଗୁଡ଼ା, ୧୧।୬ (ଡି.ଏନ୍.ଏ): ରାୟଗଡ଼ା ଜିଲା ମୁନିଗୁଡା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରଠାରେ ରବିବାର ୨ ଦିନିଆ ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନ ଓ ଓଏସିସ୍ ଅଭିଯାନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢାଇବା, ଜୀବନର ଲକ୍ଷ୍ୟ ସ୍ଥିର କରିବା ଉଦ୍ଦେଶ୍ୟରେ ତାଲିମ ଦିଆଯାଇଥିଲା। ଛାତ୍ରୀଛାତ୍ରମାନେ ନିଜ ବ୍ୟକ୍ତିଗତ ତଥା ବୃତ୍ତିଗତ ଜୀବନର ଲକ୍ଷ୍ୟ କିପରି ସ୍ଥିର କରିବେ ଓ ଲକ୍ଷ୍ୟ ହାସଲ ପାଇଁ କିପରି ଯୋଜନା ପ୍ରସ୍ତୁତ କରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାମକୃଷ୍ଣ ମିଶନ ଆଶ୍ରମ, ହାଟ ମୁନିଗୁଡାରୁ ସ୍ୱାମୀ ପ୍ରଭୁବାରା ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜୀବନରେ ଲକ୍ଷ୍ୟ ସ୍ଥିର କରିବାର ବିଭିନ୍ନ ସୋପାନ ବିଷୟରେ ଛାତ୍ରୀଛାତ୍ରଙ୍କୁ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାଶକ୍ତି ଫାଉଣ୍ଡେସନର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ସାମାଜିକ କର୍ମୀ ଡ. ଗୌରାଙ୍ଗ ଚରଣ ରାଉତ, ବିଷମ କଟକ ମହାବିଦ୍ୟାଳୟର ଅଧକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା, ହର୍ଷ ଟ୍ରଷ୍ଟର ଜିଲା ମୁଖ୍ୟ ଶରତ ଚନ୍ଦ୍ର ସାହୁ, ମୁନିଗୁଡା ପ୍ରେସ କ୍ଲବର ସମ୍ପାଦକ ନନ୍ଦ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଓଏସିସ୍ ଅଭିଯାନର ତାଲିମଦାତା ଶୁଭମ୍ ମିଶ୍ର ଓ ମହାଶକ୍ତି ଫାଉଣ୍ଡେସନର ପ୍ରକଳ୍ପ ପରିଚାଳକ ବାଳକୃଷ୍ଣ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁନିଗୁଡାର ବିଭିନ୍ନ ବିଦ୍ୟାଳୟରୁ ୩୫ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

### ଉଦ୍ୟାନ କୃଷି ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରାୟଗଡ଼ା,୧୧।୬(ସ୍ୱ.ପ୍ର.)- ରାୟଗଡ଼ା ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ ଏବଂ ମୁଖ୍ୟ କିରାଣି ଗୌରୀ ଶଙ୍କର ପଟ୍ଟନାୟକ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସ୍ଥାନୀୟ ଏକ ହୋଟେଲରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅବସର ପୂର୍ବରୁ ପତିତପାବନ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଥିଲେ। ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଡ.ଦୟାନିଧି ବାଗଙ୍କ ଅଧକ୍ଷତାରେ ଆୟୋଜିତ ଏହି




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ୍ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଭୀମସେନ ଶବର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଆରଏମସି ସମ୍ପାଦକ ବିପିନ ବିହାରୀ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପନିର୍ଦ୍ଦେଶକ ପତିତପାବନ ଓ ମୁଖ୍ୟ କିରାଣି ପଟ୍ଟନାୟକଙ୍କ ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ବିଭାଗର ଅତିରିକ୍ତ ଉପନିର୍ଦ୍ଦେଶକ ଜଗନ୍ନାଥ ବିନ୍ଧାଣି, ରାକେଶ ମିଶ୍ର, ତନ୍ମୟ ସ୍ୱାଲସିଂ, ସୌମ୍ୟ ପାଠକ, ବିଶ୍ୱଜିତ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ।

### ଇଟାଭାଟିରେ ନିଆଁରେ ପୋଡ଼ି ମହିଳା ଗୁରୁତର

ପାରଳାଖେମୁଣ୍ଡି,୧୧।୬- ଗଜପତି ଜିଲା ଅଡ଼ବା ଥାନା ଡେଙ୍ଗାସଖାଲ ପଞ୍ଚାୟତ ଅନ୍ତର୍ଗତ ରାଇଜୁକା ଗ୍ରାମରେ ଅଘଟଣ। ସ୍ୱାମୀ ଇଟା ଭାଟିରେ ନିଆଁ ଲଗାଉଥିବା ବେଳେ ସ୍ତ୍ରୀ ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ରାଇଜୁକା ଗାଁର ଆନନ୍ଦ ବସ୍ତରାୟଙ୍କ ସ୍ତ୍ରୀ ସୁପ୍ରିୟା ବସ୍ତରାୟ। ଆନନ୍ଦ ଇଟାଭାଟିରେ ନିଆଁ ଲଗାଇବା ବେଳେ ସୁପ୍ରିୟା ପଛପଟେ ଥିଲେ। ହଠାତ ସୁପ୍ରିୟାଙ୍କ ଦେହରେ ଅସାବଧାନତାବଶତଃ ନିଆଁ ଲାଗିଯାଇଥିଲା। ଆନନ୍ଦ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସୁପ୍ରିୟାଙ୍କ ଦେହର ୭୦ ଭାଗ ପୋଡ଼ିଯାଇଥିଲା। ପ୍ରଥମେ ତାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିର,୧୧।୬(ଡି.ଏନ୍.ଏ.)

ଯେଉଁଦେଶ, ରାଜ୍ୟ କିମ୍ବା ଜିଲାରେ ସାକ୍ଷରତା ହାର ଏବଂ ଶିକ୍ଷା ଜ୍ଞାନ ଅଧିକ ସେହି ଦେଶ, ରାଜ୍ୟ କିମ୍ବା ଜିଲା ସବୁ କ୍ଷେତ୍ରରେ ଅଗ୍ରଣୀ। ଓଡ଼ିଶାରେ ଅନେକ ଅଞ୍ଚଳ ଅଛି ଯେଉଁଠାରେ ଏବେବି ଅଭିଭାବକମାନେ ନିଜର ପିଲାମାନଙ୍କୁ ଶିକ୍ଷାଦାନ କରିବାକୁ ଆଗ୍ରହ ପ୍ରକାଶ ନ କରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ସେହିସବୁ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ଓ ସାକ୍ଷରତା ବୃଦ୍ଧି ପାଇଲେ ନିଜ ସନ୍ତାନଙ୍କ ଭବିଷ୍ୟତ ଓ ଅଞ୍ଚଳର ବିକାଶ କ୍ଷେତ୍ରରେ ଶିକ୍ଷା ସବୁବେଳେ ସହାୟକ ହେବ।

ରବିବାର ମାଲକାନଗିରିସଦର ମହକୁମା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଅଭିଭାବକ, ବୁଦ୍ଧିଜୀବୀମାନଙ୍କୁ ନେଇ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ସମ୍ପର୍କିତ ଏକ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଭାରତର ଅଭିନବ ପ୍ରୟାସରେ ଜି-୨୦ ଜନ ଭାଗୀଦାରି କାର୍ଯ୍ୟକ୍ରମ ସମଗ୍ର ଶିକ୍ଷା ତରଫରୁ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଇକ୍‌ରାର ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା, ସମ୍ମାନନୀୟ ଅତିଥି ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତ, ମୁଖ୍ୟବକ୍ତା ଅଧ୍ୟାପିକା କାମିନୀ ଶର୍ମା ଯୋଗଦେଇ ସନ୍ତାନମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଆଦି ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସାଧାରଣ କର୍ମୀ ସୁକାନ୍ତ କୁମାର ସାହୁ, ପିଲା ଓ ଅଭିଭାବକମାନଙ୍କୁ ନେଇ ମୌଳିକ ସାକ୍ଷରତା ଓ ଗଣିତ ଜ୍ଞାନ ଆଧାରିତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ସଚେତନ କରାଇଥିଲା। କାର୍ଯ୍ୟକ୍ରମରେ ସଦର ମହକୁମାର ୧୩୦ଜଣ ଅଭିଭାବକ ଯୋଗ ଦେଇଥିଲେ। ଏଥିରେ ଜନ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ସଜ୍ଜନ, ନୃସିଂହ ଚରଣ ମହାନ୍ତି, ବିଦ୍ୟାଧର ସାହୁ, ଅରବିନ୍ଦ କୁମାର ସେଠ୍, ରତ୍ନାକର ଦାସ, ଜ୍ଞାନଚାନ୍ଦ ଜଗନ୍ନାଥ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।


ଶିକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶୋକସଭା

ବିଷମକଟକ, ୧୧।୬ (ଡି.ଏନ୍.ଏ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ହାଟ ମୁନିଗୁଡା ପଞ୍ଚାୟତ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାଟ ମୁନିଗୁଡା ଶୈବପୀଠରୁ ଏକ ଶୋଭାଯାତ୍ରା ବାହାରି ରାମ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ରାମ ମନ୍ଦିରରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି ସୁଦର୍ଶନ କୁସୁଲିଆ, ବାଦଲ ରଣା, ତ୍ରିପତି ପଣ୍ଡା, କେଶବ ଓଡକା, ରାମ ଦାସ, ଜଗନ୍ନାଥ ହିକକା, କମଳ ଲୋଚନ ହିକକାଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ଲାଷ୍ଟିକ ବର୍ଜନ, ପ୍ରଦୂଷଣ ରୋକିବା ନେଇ ଆହ୍ୱାନ


ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ସମେତ ଅତିଥି ଓ ଟ୍ରଷ୍ଟର କର୍ମକର୍ତ୍ତା।

ରାୟଗଡ଼ା,୧୧।୬(ସ୍ୱ.ପ୍ର.)

**ବକ୍ତୃତା ପ୍ରତିଯୋଗିତା**

ରାୟଗଡ଼ା ସହରସ୍ଥିତ ସାଇପ୍ରିୟା ନଗର ୱେଲଫେୟାର ଟ୍ରଷ୍ଟ ସମ୍ମିଳନୀ କକ୍ଷଠାରେ ରବିବାର ଛାତ୍ରୀଛାତ୍ରଙ୍କୁ ନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସମ୍ପାଦକ ଦୟାନନ୍ଦ ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବନ ବିଭାଗ ରେଞ୍ଜର ସଞ୍ଜୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତେ ଚାରାରୋପଣ କରିବା ସହ ପ୍ଲାଷ୍ଟିକ ବର୍ଜନ ଓ ପ୍ରଦୂଷଣ ରୋକିବା ନେଇ ଆହ୍ୱାନ ଦେଇଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ ଓ ଟ୍ରଷ୍ଟର ସଭ୍ୟମାନଙ୍କୁ ପରିବେଶ ସୁରକ୍ଷା, ମାନବ ସମାଜରେ ବୃକ୍ଷର ଆବଶ୍ୟକତା ଉପରେ ସଚେତନ କରିଥିଲେ। ଏହି ପ୍ରତିଯୋଗିତାରେ ୨୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି 'ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ବର୍ଜନ' ବିଷୟବସ୍ତୁ ଉପରେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାରେ ଛାତ୍ରୀ ସୁଚିତା ହିଆଁଲ ପ୍ରଥମ, ଡି.ଶିଖସିତା ଭାଲି ଦ୍ୱିତୀୟ ଓ ହିମାଂଶୁ ଶେଖର ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ମହାଶ୍ୱେତା ପାଣିଗ୍ରାହୀ, ଗୀତାରାଣୀ ମିଶ୍ର, ସନ୍ନ୍ୟାସୀ ପାଣିଗ୍ରାହୀ, ଭକ୍ତ ବଲ୍ଲଭ ପଟ୍ଟନାୟକ, ଟି. ଏନ. ରାଓ ଓ ଖବରଦାତା ମନୋଜ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଦିଗରେ ଉନ୍ନତମାନର କାର୍ଯ୍ୟ ପାଇଁ ସାଇପ୍ରିୟା ୱେଲଫର ଟ୍ରଷ୍ଟକୁ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ପୁଣି ଜମି ଦେବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ

ରାୟଗଡ଼ା,୧୧।୬(ସ୍ୱ.ପ୍ର.)

ରେଳ ବିଭାଗ ଜଣେ ବ୍ୟକ୍ତିଙ୍କ ୪ ଏକର ଜମି ନେଇ କୌଣସି କ୍ଷତିପୂରଣ ପ୍ରଦାନ କରି ନ ଥିବାବେଳେ ପୁଣି ୨ ଏକର ଜମି ଦେବାକୁ ବାଧ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଫଟାଗଡ଼ ଗ୍ରାମର କୁଲେସିକା ବଂଶୀଧର ସାଉନ୍ତାଙ୍କ ପୁଅ ଦେବେନ୍ଦ୍ର ସାଉନ୍ତା ଏ ନେଇ କାଶୀପୁର ତହସିଲଦାରଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି।

ଦେବେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ, କାଶୀପୁର ତହସିଲ ଅନ୍ତର୍ଗତ ଫଟାଗଡ଼ ରେଳ ଲାଇନ୍ କଡ଼ରେ ତାଙ୍କ ବାପା ବଂଶୀଧର ସାଉନ୍ତାଙ୍କ ନାଁରେ ପୂର୍ବରୁ ୯.୧୫ ଏକର ଜମି ଥିଲା। ଜମି ଖାତା ନଂ ୩୭ରେ ରହିଥିବା ୯.୧୫ ଏକର ଜମିରୁ ରେଳ ବିଭାଗ ପ୍ଲଟ ନଂ ୩, ୩୧୯ ଓ ୪୬୧ରେ ୪.୫ ଏକର ଜମି ନିଜ ଅଧୀନକୁ ନେଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ରେଳ ବିଭାଗ ପକ୍ଷରୁ ଜମି ବାବଦରେ ତାଙ୍କ ପରିବାରକୁ କୌଣସି କ୍ଷତିପୂରଣ ଦିଆଯାଇ ନାହିଁ କି ପରିବାରର କାହାକୁ ଚାକିରି ମଧ୍ୟ ମିଳିନାହିଁ। ଅନ୍ୟପକ୍ଷରେ ଦେବେନ୍ଦ୍ରଙ୍କ ନିକଟରେ ରହିଥିବା ଅବଶିଷ୍ଟ ଜମିରୁ ଆଉ ୨ ଏକର ଜମି ଦେବାକୁ ରେଳ ବିଭାଗ କର୍ମକର୍ତ୍ତା ବାଧ୍ୟ କରୁଥିଲେ ମଧ୍ୟ ଜମି ବାବଦରେ କୌଣସି କ୍ଷତିପୂରଣ ଦେବା କଥା କହୁନାହାନ୍ତି। ରେଳ ବିଭାଗ ପକ୍ଷରୁ ଯଦି କୌଣସି କ୍ଷତିପୂରଣ ନ ମିଳେ ଏବଂ ଜମି ଦେବା ପାଇଁ ବାଧ୍ୟ କରାଯାଏ ତେବେ ସେ ଆଇନର ସହାୟତା ନେବେ ବୋଲି କହିଛନ୍ତି। ଯଦି ରେଳ ବିଭାଗକୁ ଜମି ଆବଶ୍ୟକ ତେବେ ଏ ବାବଦରେ ତାଙ୍କୁ କ୍ଷତିପୂରଣ ସହ ପରିବାରର ଜଣକୁ ରେଳବିଭାଗରେ ଚାକିରି ଦିଆଯାଉ ବୋଲି ଦେବେନ୍ଦ୍ର ଦାବି କରିଛନ୍ତି। ଏ ସମ୍ପର୍କରେ କାଶୀପୁର ତହସିଲଦାର ଶରତ ଶବରଙ୍କୁ ପଚରାଯିବାରୁ ଆମେ ଅଭିଯୋଗ ପାଇଛୁ, ତେବେ ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି କିଛି ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି।

**ରେଳ ବିଭାଗ ପକ୍ଷରୁ ମିଳିନି କ୍ଷତିପୂରଣ**


ଅଭିଯୋଗକାରୀ ଦେବେନ୍ଦ୍ର ସାଉନ୍ତା।

## ରାସ୍ତା କାମରେ ନାବାଳିକା ଶିଶୁ ଶ୍ରମିକ

କୋରୁକୋଣ୍ଡା ୧୧।୬(ଡି.ଏନ.ଏ)

ମାଲକାନଗିରି ଜିଲା ପ୍ରଶାସନ ଶିଶୁ ଶ୍ରମିକ ରୋକିବା ପାଇଁ ବିଭିନ୍ନ ସଚେତନ କରାଇବା ପରେ ମଧ୍ୟ ଗ୍ରାମାଞ୍ଚଳରେ ହେଉଥିବା ସରକାରଙ୍କ ଉନ୍ନୟନମୂଳକ କାମଗୁଡିକରେ ଶିଶୁଶ୍ରମିକ କାମ କରୁଥିବା ଦେଖିବାକୁମିଳୁଛି। ଶିଶୁଙ୍କୁ କୌଣସି କାର୍ଯ୍ୟରେ ଯଦି କେହି ବ୍ୟକ୍ତି ଲଗାଇଥାନ୍ତି ତେବେ ସରକାରଙ୍କ ତରଫରୁ କଡା ଆଇନର ପ୍ରାବଧାନ ଥିବା ବେଳେ ଏସବୁକୁ ଅଣଦେଖା କରି ଗ୍ରାମାଞ୍ଚଳରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ନାବାଳିକା ଶ୍ରମିକଭାବେ କାମ କରୁଥିବା ଦେଖିବାକୁ ମିଳୁଛି। ଏହା ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଏମ୍‌ଭି-୫୩ ଗ୍ରାମ ମଧ୍ୟଭାଗରୁ ଅପର ପାର୍ଶ୍ୱରେ ଥିବା ପ୍ରଧାନମନ୍ତ୍ରୀ ସଡ଼କକୁ ସଂଯୋଗ କରୁଥିବା ଏକ କଂକ୍ରିଟ ରାସ୍ତା ବ୍ଲକ ପକ୍ଷରୁ ନିର୍ମାଣ ଆରମ୍ଭ ହୋଇଛି। ଉକ୍ତ ରାସ୍ତା କାମରେ ୩ଜଣ ନାବାଳିକା ଶ୍ରମିକଭାବେ କାମ କରୁଥିବା ଦେଖିବାକୁ ମିଳିଛି।

କାମ ତଦାରଖ କରୁଥିବା ଗ୍ରାମର ଧନୁର୍ଜୟ ସରକାରଙ୍କୁ ପଚାରିବାରୁ ସେ ହାଲୁକା ଭାବରେ କହିଥିଲେ, ରାସ୍ତା କାମ ଆରମ୍ଭରୁ ଏହି ଶ୍ରମିକମାନେ କାମ କରୁଛନ୍ତି। ସମସ୍ତେ କାମକୁ ଆସୁଛନ୍ତି ସେମାନେ ମଧ୍ୟ ଆସୁଛନ୍ତି ଅସୁବିଧା କ'ଣ ବୋଲି ପ୍ରଶ୍ନ କରିଥିଲେ। ଏନେଇ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କୃତ୍ତିବାସ ନାୟକଙ୍କ ପ୍ରତିକ୍ରିୟା ନେବାକୁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରି ନ ଥିଲା। ଏନେଇ କୋରୁକୋଣ୍ଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଉକ୍ତ ଘଟଣାକୁ ହାଲୁକା ଭାବେ ନେଇ ଆପଣମାନେ ଖବର ପ୍ରକାଶ କରନ୍ତୁ ଆମେ ପଦକ୍ଷେପ ନେବୁ ବୋଲି କହିଥିଲେ। ସୂଚନାଯୋଗ୍ୟ, ଉକ୍ତ ରାସ୍ତା କାର୍ଯ୍ୟର ସୂଚନାଫଳକ ବର୍ତ୍ତମାନ ସୁଦ୍ଧା ଲାଗି ନ ଥିବା ଦେଖିବାକୁ ମିଳିଛି। ଏଣୁ କାର୍ଯ୍ୟର ବିବରଣୀ ଜାଣିବାରେ ଜନସାଧାରଣ ଦ୍ୱନ୍ଦ୍ୱରେ ରହୁଛନ୍ତି, ଯାହାର ଫାଇଦା ଠିକାଦାର ଉଠାଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଯେକୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭରେ ସୂଚନା ଫଳକ ବାଧ୍ୟତାମୂଳକ ଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ସଲାସୁତୁରା ଯୋଗୁ ସରକାରଙ୍କ ନିୟମ କାଗଜ କଲମରେ ରହିଯାଉଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

**ସରକାରୀ ଅଧିକାରୀ ନୀରବ**

## ପରିବେଶ ସୁରକ୍ଷା ନିମନ୍ତେ ଶପଥପାଠ

**ଉତ୍କଳ ଆଲୁମିନାରେ ପରିବେଶ ଦିବସ ପାଳିତ**


କାରଖାନା କର୍ମଚାରୀମାନେ ପରିବେଶ ସୁରକ୍ଷା ନିମନ୍ତେ ଶପଥପାଠ କରୁଛନ୍ତି।

ଟିକିରି ୧୧।୬ (ଡି.ଏନ୍.ଏ) : ରାୟଗଡ଼ା ଜିଲାରେ ଥିବା ଆଦିତ୍ୟ ବିର୍ଲା ଗ୍ରୁପ୍ର ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡଠାରେ ଗତ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ କାରଖାନା ପରିସର, ସହରାଞ୍ଚଳ ଏବଂ ପାରିପାର୍ଶ୍ୱିକ ଜନବସତି ଅଞ୍ଚଳଗୁଡିକରେ ଚାରାରୋପଣ କରାଯାଇଥିଲା। ପ୍ଲାଷ୍ଟିକ ବର୍ଜନ ଓ ପ୍ରଦୂଷଣ ରୋକିବା ନେଇ ସହଭାଗୀ ସଂଗଠନ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ପରିବେଶ ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ନୁକଡ ନାଟକ' ମଞ୍ଚସ୍ଥ ହୋଇଥିଲା। ସେହିପରି ବାଫଲିମାଳି ବକ୍ସାଇଟ ଖଣି ନିକଟରେ ପରିବେଶ ସୁରକ୍ଷା ନିମନ୍ତେ ଶପଥପାଠ ଏବଂ ଚାରାରୋପଣ କରାଯାଇଥିଲା। ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଚାରାରୋପଣ କରିବା ସହିତ ସେଗୁଡିକର ଯତ୍ନ ନେବାକୁ ଶପଥ ନେଇଥିଲେ।

ଏହି କ୍ରମରେ ଗତ ୯ ତାରିଖରେ କାଶୀପୁର ବ୍ଲକ୍ ବାରିଗୁଡା ଗ୍ରାମରେ ଉତ୍କଳ ଆଲୁମିନାର ପ୍ରୋଜେକ୍ଟ 'ଉନ୍ନତ' ଅଧୀନରେ ଏକ ଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏକକ ବ୍ୟବହାର ପ୍ଲାଷ୍ଟିକ ନିଷିଦ୍ଧ କରିବା ଏବଂ ପରିବେଶ ସୁରକ୍ଷା ତଥା ସଂରକ୍ଷଣ ଦିଗରେ ଶପଥପାଠ କରାଯାଇଥିଲା। ଏହି ଅବସରରେ ଅଗ୍ରଣୀ ଚାଷୀଙ୍କୁ ଜୈବିକ କୃଷି ଜରିଆରେ ପରିବେଶ ସୁରକ୍ଷା ଦିଗରେ ସେମାନଙ୍କର ଅନନ୍ୟ ସଫଳତା ପାଇଁ ସମ୍ମାନିତ କରଯାଇଥିଲା। ଗୋଷ୍ଠୀ ସଦସ୍ୟ ଏବଂ ଉତ୍କଳ ଆଲୁମିନାର କର୍ମଚାରୀ ସ୍ୱେଚ୍ଛାସେବୀଙ୍କୁ ନେଇ ବିହନ ବଲ ପ୍ରସ୍ତୁତି, ଜିଆଖତ ଏବଂ ଜୈବିକ କୀଟନାଶକ ପ୍ରସ୍ତୁତି ଏବଂ ପ୍ରତିରୋପଣ ଆଦି କ୍ଷେତ୍ରଭିତ୍ତିକ କାର୍ଯ୍ୟକଳାପ ହାତକୁ ନିଆଯାଇଥିଲା। ଉତ୍କଳ ଆଲୁମିନାର ୟୁନିଟ ହେଡ ଓ ପ୍ରେସିଡେଣ୍ଟ ମଜହର ବେଗ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଦିବାସୀମାନଙ୍କ ପାରମ୍ପରିକ ତଥା ଅନନ୍ୟ ଜୀବନଶୈଳୀକୁ ନେଇ କିଭଳି ପରିବେଶ ସଂରକ୍ଷଣ କରାଯାଇପାରିବ ତାହା ଆଦିବାସୀ ସମୁଦାୟ ଆମକୁ ଦିଗଦର୍ଶନ ଦେଇଛନ୍ତି।

